# ଏକକ ୨ : ଦୃଶ୍ୟ କଳା ଏବଂ ହସ୍ତଶିଳ୍ପ କାରିଗରୀ (ବ୍ୟାବହାରିକ)

ଟିପ୍ପଣୀ

ସଂରଚନା


୨.୦: ଉପକ୍ରମ

୨.୧: ଶିକ୍ଷଣ ଉଦ୍ଦେଶ୍ୟ

୨.୨. ଦୃଶ୍ୟକଳା ଏବଂ ହସ୍ତଶିଳ୍ପ କାରିଗରୀର ବିଭିନ୍ନ ସାମଗ୍ରୀ ସହ ପରୀକ୍ଷଣ

୨.୩. ଦୃଶ୍ୟକଳା ଏବଂ ହସ୍ତ କାରିଗରୀ ର ବିଭିନ୍ନ ପଦ୍ଧତି ସହ ପରୀକ୍ଷଣ ଏବଂ ଅନ୍ୱେଷଣ

୨.୪ ଭାଙ୍ଗକରା ଖୋଳ ତିଆରି ନିମନ୍ତେ ବ୍ୟାବହାରିକ କାର୍ଯ୍ୟ ସଂପନ୍ନ

୨.୫ ସାରାଂଶ

୨.୬ ନିଜ ଅଗ୍ରଗତି ଆକଳନ ପାଇଁ ଆର୍ଦଶ ଉତ୍ତର

୨.୭ ଅତିରିକ୍ତ ଅଧ୍ୟୟନ ପାଇଁ ସହାୟକ ପୁସ୍ତିକା

୨.୮ ପାଠାନ୍ତ ପ୍ରଶ୍ନାବଳୀ


## ୨.୦: ଉପକ୍ରମ

ପୂର୍ବବର୍ତ୍ତୀ ଅଧ୍ୟାୟରେ ତୁମେମାନେ ପ୍ରାରମ୍ଭିକ ସ୍ତରରେ କଳା ଶିକ୍ଷାର ମହତ୍ତ୍ୱ, ଆବଶ୍ୟକତା ଏବଂ ଗୁରୁତ୍ୱ ବିଷୟରେ ପଢିଛ । ତୁମେ ଅନୁଭବ କରିଛ ଯେ କଳାଶିକ୍ଷା ହେଉଛି ମୁଖ୍ୟତଃ ଶିକ୍ଷଣ ପାଇଁ ଏକ ପଥ, ଆନନ୍ଦଦାୟକ ଏବଂ ସୌନ୍ଦର୍ଯ୍ୟବୋଧଭିତ୍ତିକ ଶିକ୍ଷା ବିଜ୍ଞାନ ଆବିଷ୍କାର ନିମନ୍ତେ ଏକ ଯାତ୍ରା ସଦୃଶ । କଳା ହେଉଛି ମନୋଭାବ ବା ଧାରଣାର ଏକ ଅଭିବ୍ୟକ୍ତି ଯାହାକି ମଣିଷର କଳ୍ପନା ଶକ୍ତି, ଦକ୍ଷତା ଏବଂ ଉଦ୍ଭାବନରୁ ସୃଷ୍ଟ । କଳା ଶିକ୍ଷା ନିମ୍ନଲିଖିତ ଶିକ୍ଷଣ କ୍ଷେତ୍ର ଉପରେ ଆଧାରିତ । ଯଥା -

କ) ଦୃଶ୍ୟ, ସ୍ପର୍ଶନୀୟ କଳା

ଖ) ପ୍ରଦର୍ଶିତ କଳା

ଏହି ଅଧ୍ୟାୟରେ ଆମେ ସ୍ପର୍ଶନୀୟ କଳା ମଧ୍ୟରେ ଥିବା ଅତି ସୂକ୍ଷ୍ମ ପାର୍ଥକ୍ୟକୁ ଆଲୋଚନା କରିବା । କୌଣସି ନିର୍ଦ୍ଦିଷ୍ଟ କଥିତ ଭାଷା ନଥିବାରୁ ଆଦିମ କାଳରୁ ମଣିଷମାନେ ଅଙ୍ଗଭଙ୍ଗୀ ମାଧ୍ୟମରେ ନିଜର ମନର ଭାବନାକୁ ବ୍ୟକ୍ତ କରୁଥିଲେ । ତେଣୁ ସବୁବେଳେ ମଣିଷ ନିଜର ଦୈନିନ୍ଦିନ ଜୀବନର କାର୍ଯ୍ୟକଳାପ ଓ କାର୍ଯ୍ୟଧାରାରେ ପରିବର୍ତ୍ତନ ନିମନ୍ତେ ଅହରହ ଗବେଷଣା ଓ ଉଦ୍ଭାବନ କରିଆସୁଛି । ଏହି ମଣିଷର ମନସ୍ତାତ୍ତ୍ୱିକ ପରିବର୍ତ୍ତନ ଓ ଉଦ୍ଭାବନ ଫଳରେ ଅଧୁନା ଏକ ନୂତନ ଓ ପରିମାର୍ଜିତ ଭାଷା ମାଧ୍ୟମରେ ନିଜର ଭାବନାକୁ ଅନ୍ୟଠାରେ ବ୍ୟକ୍ତ କରିବାରେ ସକ୍ଷମ ହୋଇପାରିଛି । ପ୍ରାଚୀନ ଯୁଗର ଲୋକମାନେ ଗୁମ୍ଫା ଦେହରେ ବିଭିନ୍ନ ଖୋଦେଇ କରି ତାହାକୁ ଦେଖି ନିଜର ଭାବନାକୁ ବ୍ୟକ୍ତ କରୁଥିଲେ । ଆମ୍ଭେମାନେ ବର୍ତ୍ତମାନ ଯେଉଁ ଗୁମ୍ଫାଠାରେ ଖୋଦିତ ବିଭିନ୍ନ ଚିତ୍ର ଦେଖୁଛେ ତାହା ଅତୀତର ଇତିହାସକୁ ପ୍ରକାଶ କରୁଛି । ଏହି ଗୁମ୍ଫାରେ ଖୋଦିତ କଳା ହେଉଛି ଅଭିବ୍ୟକ୍ତିର ମାଧ୍ୟମ ଯାହା ଦୃଶ୍ୟ କଳାର ଉଦାହରଣ ସୃଷ୍ଟି କରିଅଛି । ଏହିଗୁଡିକ ଆଗାମୀ ପିଢିମାନଙ୍କ ପାଇଁ ଏକ ଆର୍ଶୀବାଦ ସ୍ୱରୂପ ଇତିହାସର ବିଭିନ୍ନ ଘଟଣାକୁ ଚିତ୍ରାୟିତ କରୁଛି । ସେଗୁଡିକ ଲୋକମାନଙ୍କ ମନରେ ଏକ ଅବିସ୍ମରଣୀୟ ଚିହ୍ନସ୍ମୃତି ହୋଇ ଚିରଦିନ ରହିବ ।



ଟିପ୍ପଣୀ

ଏହି ଅଧ୍ୟାୟରେ ତୁମେମାନେ ଦୃଶ୍ୟକଳା ଅନୁସନ୍ଧାନ ଓ ପରୀକ୍ଷଣ ସହିତ ବିଭିନ୍ନ ପଦ୍ଧତି ଓ ସାମଗ୍ରୀ ଏବଂ କେତେକ ନିର୍ଦ୍ଦିଷ୍ଟ କୌଶଳଗୁଡିକ ବିଷୟରେ ପଢିବ । ଆମେ ଜାଣିଛୁ ଯେ ଦୃଶ୍ୟକଳା ହେଉଛି ଧାରଣାର ଯୋଗାଯୋଗ କରିବା ପ୍ରତ୍ୟୟ, ଅନୁଭବ ବା ଆବେଗର ପରିପ୍ରକାଶ । ଭାବ ପ୍ରକାଶ/ଅଭିବ୍ୟକ୍ତିର ଯେକୌଣସି ମାଧ୍ୟମ ଶିଶୁର ପରିବେଶକୁ ପର୍ଯ୍ୟବେକ୍ଷଣ କରିବା, ସାମଗ୍ରୀକୁ ଅନୁସନ୍ଧାନ କରିବା, ସ୍ୱାଧୀନଭାବେ ମତବ୍ୟକ୍ତ କରିବାର ସୁଯୋଗ, ବ୍ୟକ୍ତିକୁ ବୁଝିବା, ସୃଜନଶୀଳତା, ଅନୁଭବ କ୍ଷମତା ଓ ସୌନ୍ଦର୍ଯ୍ୟବୋଧତା ଇତ୍ୟାଦି ବୃଦ୍ଧିରେ ସହାୟକ ହୋଇଥାଏ । ଏହା କଳାକାରର ଅନୁଭବ, ଅଭିବ୍ୟକ୍ତି, ମାୟା ଓ କଳ୍ପନାଶକ୍ତି ଇତ୍ୟାଦିକୁ ଅନ୍ୟକୁ ଜଣାଇ ଦିଏ । ଏହା ହେଉଛି ଅତୀତର ଘଟଣାକୁ ଲିପିବଦ୍ଧ କରିବା ଓ ବିଭିନ୍ନ କୌଶଳ ମାଧ୍ୟମରେ ସଂରକ୍ଷଣ କରିବାର ଏକ ମାଧ୍ୟମ ଏବଂ ପୂର୍ବବର୍ତ୍ତୀ ବଂଶଧରମାନଙ୍କୁ ବୁଝିବାରେ ସହାୟକ ହୋଇଥାଏ । ଏଣୁ ଶିଶୁର ସର୍ବାଙ୍ଗୀନ ବିକାଶ ନିମନ୍ତେ ଶିକ୍ଷକ ଦୃଶ୍ୟକଳାର କେତେକ ମୌଳିକତତ୍ତ୍ୱ ବିଷୟରେ ଅବଗତ ହେବା ଆବଶ୍ୟକ । ଦୃଶ୍ୟକଳାକୁ ବିଭିନ୍ନ ମାଧ୍ୟମ, ସାମଗ୍ରୀ ଏବଂ କୌଶଳ ମାଧ୍ୟମରେ ପ୍ରତିନିଧିତ୍ୱ ଏବଂ ପ୍ରୟୋଗ କରାଯାଇପାରେ । ସେଗୁଡିକ ହେଲା ଚିତ୍ରଣ, ଚିତ୍ରାଙ୍କନ, ସ୍ଥାପତ୍ୟ, ମୁଦ୍ରଣ କରିବା, କୋଲାଜ୍, ପୁତ୍ତଳିକା ତିଆରି ଏବଂ ଚିତ୍ରୋତ୍ତଳନ (ଫଟୋଗ୍ରାଫି) । ପିଲାମାନେ ବିଭିନ୍ନ ସାମଗ୍ରୀ ଓ ମାଧ୍ୟମକୁ ପ୍ରୟୋଗ କରି ପରୀକ୍ଷଣ ଓ ଅନୁସନ୍ଧାନ କରିବା ନିମନ୍ତେ ଉତ୍ସାହିତ ହେବା ସହିତ ନିଜର ଭାବନା ଓ ଧାରଣାକୁ ସଂଯୋଗ କରିବା ନିମନ୍ତେ ସକ୍ଷମ ହେବା ଉଚିତ୍ ।

## ୨.୧:ଶିକ୍ଷଣ ଉଦ୍ଦେଶ୍ୟ

ଏହି ପାଠଟି ପଢ଼ିବା ପରେ ତୁମେମାନେ ସହଜରେ ଶ୍ରେଣୀ କକ୍ଷରେ ଓ ବିଭିନ୍ନ ପଦ୍ଧତି ପ୍ରୟୋଗ କରି ଚିତ୍ରାଙ୍କନ ଏବଂ ରଙ୍ଗକାମ (ଚିତ୍ରଣ) ଏବଂ ହସ୍ତକାମର ବିଭିନ୍ନ ପଦ୍ଧତି ଅନ୍ୱେଷଣ ଓ ପ୍ରୟୋଗ କରିପାରିବ । ଅଧିକନ୍ତୁ ତୁମେମାନେ ବିଭିନ୍ନ କାର୍ଯ୍ୟଧାରାକୁ ବିଶ୍ଳେଷଣ କରିବ ଏବଂ ବିଭିନ୍ନ ସମ୍ପାଦିତ କାର୍ଯ୍ୟକୁ ଠିକ୍ ଭାବେ ଧରି ରଖିବା ଏବଂ ସଂରକ୍ଷିତ କରି ରଖିବା ନିମନ୍ତେ ସମର୍ଥ ହେବା ସହିତ ଫୋଲ୍ଡର ତିଆରି କରି ଶିଖିବ ।

ଏହି ଏକକଟି ଅଧ୍ୟୟନ ପରେ ତୁମେ -

୧- ଦୃଶ୍ୟକଳାର ବିଭିନ୍ନ ମୌଳିକ ତତ୍ତ୍ୱକୁ ଜାଣିବ ଓ ବୁଝିବ ।

୨- ବିଭିନ୍ନ କୌଶଳ, ମାଧ୍ୟମ ଏବଂ ସେଗୁଡିକର ବ୍ୟବହାରିକ ପ୍ରୟୋଗକୁ ବୁଝିବ ।

୩- ପର୍ଯ୍ୟବେକ୍ଷଣ ଓ ଅନୁସନ୍ଧାନ ମାଧ୍ୟମରେ ମୁକ୍ତ ଅଭିବ୍ୟକ୍ତି ଓ ସୃଜନଶୀଳତା ପାଇଁ ପିଲାମାନଙ୍କୁ ଉତ୍ସାହିତ କରିବ ।

୪- ଭାରତରେ ପ୍ରଚଳିତ ଥିବା ବିଭିନ୍ନ ପରମ୍ପରାଗତ ଆଞ୍ଚଳିକ କଳାର ଚିହ୍ନଟ ମାଧ୍ୟମରେ ସଂସ୍କୃତିଗତ ବିଭେଦତାକୁ ବୁଝିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ପ୍ରସ୍ତୁତ କରିବ ।

୫- କ୍ଷୁଦ୍ର ଏବଂ ବୃହତ୍ ପ୍ରକଳ୍ପରେ ମିଳିତ ଭାବେ କାର୍ଯ୍ୟ କରିବା ଓ ବିନିମୟ କରିବାର ମୂଲ୍ୟବୋଧକୁ ଅନ୍ତର୍ନିବିଷ୍ଟ କରାଇବ

**କଳାର ଆଧାର ସମୂହ**

ମୌଳିକ କଳା

ଛାତ୍ରଛାତ୍ରୀଙ୍କର ନିକଟ ପରିବେଶରୁ ଅନୁସନ୍ଧାନ ଓ ଅବବୋଧ ମାଧ୍ୟମରେ କଳା ଶିକ୍ଷଣର କେତେକ ମୌଳିକ ତତ୍ତ୍ୱ ଆଧାର ହେଲା ।

୧) ରେଖା/ଗାର (Line) : ବିଭିନ୍ନ ପ୍ରକାର ରେଖା ବା ଗାର ଯଥା- ମୋଟା, ପତଳା, ଭଙ୍ଗା ଏବଂ ସିଧା ଇତ୍ୟାଦି ରହିଛି । ପ୍ରତ୍ୟେକ ରେଖା/ଗାର ବଭିନ୍ନ ଚିତ୍ର/ଚରିତ୍ରକୁ ଚତ୍ରଣ କରିଥାଏ ।

କ) ଭୂସମାନ୍ତର/ଆନୁଭୂମିକ ଗାର ବିଶାଳ/ବିସ୍ତୃତିକୁ ସୂଚାଇଥାଏ । ଉ.ସ- ରାସ୍ତା, ରେଳ ଧାରଣା

ଟିପ୍ପଣୀ

ଖ) ଭୂଲମ୍ବ/ଠିଆ ଭାବେ ରେଖା ଶକ୍ତିଶାଳୀ ବା ବୃହତାକାୟକୁ ମାନବାକୃତି ଭାବେ ଚିତ୍ରଣ କରେ । ଉ.ସ- କୋଠାଘର (ଲମ୍ବା)

ଗ) ତେରଛା/ତୀର୍ଯ୍ୟକ୍ ଭାବେ ଥିବା ଗାର ଗତିଶୀଳତାକୁ ଦେଖାଏ । ଉ.ସ- ପାହାଡ, ପର୍ବତ, ନୃତ୍ୟଭଙ୍ଗୀ ।

ଘ) ବଙ୍କା ଗାର ସୌନ୍ଦର୍ଯ୍ୟବୋଧକ ଦୃଷ୍ଟି ଆର୍କଷଣ କରିଥାଏ । ଉ.ସ.- ଫୁଲ, ମେଘମାଳା

ଙ) ତରଙ୍ଗାୟିତ ରେଖା ଜୀବନ ସଂକେତକୁ ଚିହ୍ନାଏ । ଉ.ସ-ଜଳର ତରଙ୍ଗ ।

ଚ) ଅଙ୍କାବଙ୍କା ଗାର ଆମକୁ ଖବର, ସୂଚନାଦିଏ । ଯଥା ଉପଗ୍ରହର ତରଙ୍ଗ କିମ୍ବା ଡାକବାଜି ଯନ୍ତ୍ରର ଶବ୍ଦ ତରଙ୍ଗ ।

**୨) ଆକୃତି** (Shape) :

ଆକୃତି କହିଲେ ସାଧାରଣତଃ ଏକ କ୍ଷେତ୍ର/ ଆବଦ୍ଧ କ୍ଷେତ୍ର, ବୈଶିଷ୍ଟ୍ୟ ଏବଂ ବିଭିନ୍ନ ରୂପରେଖକୁ ସୂଚାଇଥାଏ । ଏହା ଜ୍ୟାମିତିକ କିମ୍ବା ଜୈବିକ ହୋଇପାରେ ।

କ) ଜ୍ୟାମିତିକ - ବର୍ଗ/ଆୟତ କ୍ଷେତ୍ର, ବୃତ୍ତ, ତ୍ରିକୋଣ ଇତ୍ୟାଦି ।

ଖ) ଜୈବିକ - ପ୍ରକୃତି ଦତ୍ତ ବସ୍ତୁର ଆକାରଙ୍ଗ ସ-ଫୁଲ ଇତ୍ୟାଦି ।

ଯେହେତୁ ପ୍ରକୃତିକ ବସ୍ତୁ / ଜିନିଷଗୁଡ଼ିକ ବିଭିନ୍ନ ଆକୃତିର ହୋଇଥାଏ । ଏଣୁ ଏହି ଧାରଣା ପିଲାମାନଙ୍କ ସହ ସଂପର୍କ ସ୍ଥାପନରେ ସାହାଯ୍ୟ କରିଥାଏ ।

୩) **ଗଠନ / ରୂପ:** ରୂପ କହିଲେ ସାଧାରଣଃ ଯାହାର ତ୍ରିମାତ୍ରିକ ଗଭୀରତା ଏବଂ ମୋଟେଇ ରହିଥାଏ । ଏହାକୁ ଦୁଇ କିମ୍ବା ଅଧିକ ଅକାରକୁ ଯୋଗ କରାଯାଇ ସୃଷ୍ଟି/ତିଆରି କରାଯାଇପାରେ । ଏହାକୁ ସାଧାରଣତଃ ରଙ୍ଗ, କୌଣସି ପଦାର୍ଥର ମୂଳ ଉପାଦାନ ତଥା ତନ୍ତୁଦ୍ୱାରା ଅଭିବୃଦ୍ଧି କରାଯାଇପାରେ । ଉ.ସ.-ଗଛର ଆକାର,କୋଠାଘର, କାର୍ ଇତ୍ୟାଦି ।

୪) **ରଙ୍ଗ:** ସାଧାରଣତଃ କୌଣସି ପଦାର୍ଥର ଉପରିଭାଗ ବା ପୃଷ୍ଠଭୂମି ଉପରେ ଆଲୋକ ପ୍ରତିଫଳିତ ହୋଇ ଯେଉଁ ରଙ୍ଗ ଦେଖାଯାଏ । ଆମ ପରିବେଶ/ପରିବେଷ୍ଟନୀରେ ବିଭିନ୍ନ ପ୍ରକାର ରଙ୍ଗ ଦେଖାଯାଏ । ଉ.ସ.-

କ) ପ୍ରାଥମିକ ରଙ୍ଗ-ଲାଲ୍, ହଳଦିଆ ଏବଂ ନୀଳ

ଖ) ଗୌଣ ରଙ୍ଗ- ଯେତେବେଳେ ପ୍ରାଥମିକ ରଙ୍ଗ ସହିତ ଅନ୍ୟ ରଙ୍ଗ ମିଶି ଏକ ନୂତନ ରଙ୍ଗ ସୃଷ୍ଟି ହୁଏ । ଉ.ସ.- ଲାଲ୍ +ହଳଦିଆ=କମଳା

ଗ) ଗାଢ଼ରଙ୍ଗ (Warm colour) - ଲାଲ୍, ହଳଦିଆ ଏବଂ କମଳା

ଘ) ହାଲ୍‌କା ରଙ୍ଗ (Cool colour)ବାଇଗଣୀ, ସବୁଜ ଏବଂ ନୀଳ

୫) ସ୍ଥାନ/ବ୍ୟବଧାନ (Space) - ଏକ କ୍ଷେତ୍ର ଯେଉଁଥିରେ କଳାକୃତି ତିଆରିହୁଏ ।

୬) Texture - କୌଣସି ବସ୍ତୁ / ପଦାର୍ଥର ସ୍ଥୁଳ ଉପାଦାନ ।

ଏହା ଦୁଇପ୍ରକାରର । ଯଥା

(କ)ପ୍ରଦତ/ବାସ୍ତବ - ବାସ୍ତବ ଉପାଦାନ ହେଉଛି ତାହା ଯାହାକୁ ଆଖି ବନ୍ଦକରି ଛୁଇଁ ଅନୁଭବ କରିହୁଏ ।

(ଖ) ସୂଚିତ ଉପାଦାନ ହେଉଛି ତାହା ଯାହା ଦୃଶ୍ୟ ହୁଏ କିନ୍ତୁ ଆଖି ବନ୍ଦକରି ଅନୁଭବ କରିହୁଏନି । ଉ.ସ - ଚିତ୍ରିତ କାଗଜ ଉପରେ ଗଛର ଚିତ୍ର ଯାହାକୁ ଦେଖିଲେ ତା'ର ଉପାଦାନ ଥିବା ଭଳିଭାଗେ କିନ୍ତୁ ଯେତେବେଳେ

ଟିପ୍ପଣୀ

ଜଣେ ଏହାକୁ ଛୁଏଁ ତା'ର କୌଣସି ଉପାଦାନ ନଥିବା ଭଳି ଅନୁଭବ ହୁଏ । ଅର୍ଥାତ୍ ଏହା ମସୃଣ ଭଳି ଲାଗେ । ସେପରି ଏକ ବାସ୍ତବ ଗଛକୁ ଛୁଇଁଲେ ଯେଉଁ ଅନୁଭବ ହୁଏ, ସେଭଳି ଅନୁଭବ ହୁଏ ନାହିଁ ।

୭. **ମୂଲ୍ୟ / ଗୁଣ :** ଏକ ରଙ୍ଗର ଉଜ୍ଜ୍ୱଳତା ହିଁ ତାର ମୂଲ୍ୟ ବା ଗୁଣ ।

ତୁମେ ଜାଣିଛ ଯେ ଦୃଶ୍ୟକଳା ହେଉଛି ଧାରଣା, ଭାବନା, ଅନୁଭବ ଏବଂ ଆବେଗର ସଂଯୋଗ । ଫଳପ୍ରଦ ଏବଂ ସୁଫଳ ଯୋଗାଯୋଗ ପାଇଁ ଶିକ୍ଷକ ଦୃଶ୍ୟ କଳାର ମୌଳିକ ତତ୍ତ୍ୱ ସମ୍ବନ୍ଧରେ ସଚେତନ ହେବା ଆବଶ୍ୟକ । ଶିକ୍ଷକ ଛାତ୍ରଛାତ୍ରୀମାନଙ୍କୁ ଦୃଶ୍ୟକଳାର ସମସ୍ତ ମୌଳିକ ତତ୍ତ୍ୱକୁ ଶିଖାଇବା ଆବଶ୍ୟକ ନୁହେଁ କିନ୍ତୁ ଜଣେ ମେଣ୍ଟର ବା ସହାୟକକାରୀ ଭାବେ ଶିକ୍ଷକ ସମସ୍ତ ମୌଳିକ ତତ୍ତ୍ୱକୁ ଜାଣିବା ଉଚିତ୍ ।

ଦୃଶ୍ୟକଳାର ମୌଳିକ ତତ୍ତ୍ୱ ଗୁଡ଼ିକ ହେଉଛି ଯଥା -

(କ) ପରିପ୍ରେକ୍ଷଣ (ପଦାର୍ଥ ମାନଙ୍କର ଆପେକ୍ଷିକ ସ୍ଥାନ ଓ ଆକାର ସୂଚିତ କରୁଥିବା ଅଙ୍କନ) - ଏହା ଏକ କୌଶଳ ଯେଉଁ ଥିରେ ଦ୍ୱିମାତ୍ରିକ ଭୂପୃଷ୍ଠ ଉପରେ ତ୍ରି -ମାତ୍ରିକ କ୍ଷେତ୍ର ପ୍ରତିନିଧିତ୍ୱ କରେ । ଏହା ଏକ ସମତଳ ପୃଷ୍ଠ ଉପରେ ଏହାର ପ୍ରତିବିମ୍ବ ସୃଷ୍ଟି କରେ । ଏହା ଦ୍ୱାରା ଦୂର ବସ୍ତୁ ଛୋଟ ଓ ରଙ୍ଗରେ ଫିକା ଦେଖାଯାଏ ଯାହାକି ବସ୍ତବ ବସ୍ତୁଠାରୁ ସଂପୂର୍ଣ୍ଣ ଅଲଗା ।

ଯେଉଁ ବସ୍ତୁ ନିକଟରେ ଉଜ୍ଜ୍ୱଳ ଓ ବୃହତ୍ ଦେଖାଯାଏ ତାହା ଦୂରରୁ ଛୋଟ / କ୍ଷୁଦ୍ର ଏବଂ ଫିକା ଦେଖାଯାଏ ।

ସାଧାରଣତଃ ଏହି ଧାରଣା ଛୋଟ ପିଲାମାନଙ୍କୁ ଉଚ୍ଚତର ସ୍ତରରେ ବର୍ଣ୍ଣନା କରାଯାଏ ।

**ଖ. ଭାରସାମ୍ୟ / ସନ୍ତୁଳନ** - ଏକ କାର୍ଯ୍ୟରୁ ସମାନ ଭାବେ ବାମ ଓ ଡାହାଣକୁ ତୁଳନା କରିବାର ଉପାୟ । ଏହା ଦୁଇ ପ୍ରକାରର -

**ପ୍ରତିସମ** :- ଯେତେବେଳେ ଉଭୟ ପାର୍ଶ୍ୱ ସମାନଭାବେ ଦୃଶ୍ୟ ହୁଏ ତାହା ହେଉଛି ପ୍ରତିସମ ସନ୍ତୁଳନ ।

**ଅପ୍ରତିସମ:** ଯେତେବେଳେ ଉଭୟ ପାର୍ଶ୍ୱରେ ଅସମତା ଦୃଶ୍ୟ ହୁଏ ।

**(ଗ) ସୁସଙ୍ଗତ ସମନ୍ୱୟ:** ବିଭିନ୍ନ ଉପାଦାନ / ଜିନିଷପତ୍ରଗୁଡ଼ିକୁ ସଂଯୋଗ କରି ଏକ ଆକର୍ଷଣୀୟ ସାମଗ୍ରିକ ଚିତ୍ର / ଛବି ପ୍ରସ୍ତୁତ କରିବାର ଉପାୟ ।

**(ଘ) ତାଳ, ଲୟ ଓ ଛନ୍ଦ** : ଯେତେବେଳେ ବିନା ବାଧାରେ ଉତ୍ପନ୍ନ କଳାଟି ସମତାଳରେ ଗତି କରିଥାଏ ତାହା ଲୟ / ଛନ୍ଦକୁ ବୁଝାଏ ।

ଏଣୁ, କଳାର ଉପାଦାନ ଏବଂ ମୌଳିକତା ବିଷୟରେ ସଚେତନ ହୋଇ ଦୃଶ୍ୟ ବସ୍ତୁ ଗଠନର ଏକ ପ୍ରଥମ ସୋପାନ ଅଟେ ।

କଳାର ଏହି ଉପାଦାନ ବିଷୟରେ ଶିକ୍ଷକଙ୍କର ଜ୍ଞାନ ଓ ଧାରଣା ପିଲାମାନଙ୍କର କାର୍ଯ୍ୟ ଧାରାକୁ ବିଶ୍ଳେଷଣ କରିବା ଏବଂ ମୂଲ୍ୟାଙ୍କନ କରିବାରେ ସାହାଯ୍ୟ କରେ ଏବଂ ଛାତ୍ରଛାତ୍ରୀଙ୍କୁ ପରିବେଶ ଓ ପରିବେଷ୍ଟନୀର ବିଭିନ୍ନ ନୂତନ ଦିଗକୁ ଅନୁସନ୍ଧାନ କରିବା ନିମନ୍ତେ ସହାୟତା ପ୍ରଦାନ କରେ ।

ନିଜ ଅଗ୍ରଗତି ଆକଳନ-୧

୧. ଆଗ କାଳରେ ଦୃଶ୍ୟକଳାକୁ ତୁମେମାନେ ଦେଖିଛ କି ? (ସତ୍ୟ / ମିଥ୍ୟା)

୨. ଦୃଶ୍ୟକଳା ଚିତ୍ରଣ ଓ -----କୁ ଅନ୍ତର୍ଭୁକ୍ତ କରିଥାଏ ।

୩. ଦୃଶ୍ୟକଳା ସୃଜନଶୀଳତା, ମୁକ୍ତ ଅଭିବ୍ୟକ୍ତି, ଅନୁଭବ କ୍ଷମତା ଓ ----- ମୂଲ୍ୟାଙ୍କନ ଅଭିବୃଦ୍ଧିରେ ସାହାଯ୍ୟ କରେ ।

୪. ଗାର / ରେଖା ଗୋଟିଏ ---- ଦୃଶ୍ୟକଳା ଅଟେ ।

୫. ମୌଳିକ ରଂଗଗୁଡ଼ିକ ----,------- ଓ ------------ ।

୬. ମୁଦ୍ରିତ / ଚିତ୍ରିତ ହୋଇଥିବା ଗଛର ଚିତ୍ରର ଉପାଦାନକୁ ତୁମେ ଅନୁଭ କରିପାରିବ କି ? (ହଁ / ନା)

ଟିପ୍ପଣୀ

**୨.୨. ଦୃଶ୍ୟକଳା ଓ ହସ୍ତଶିଳ୍ପ କାରୀଗରୀ ସାମଗ୍ରୀ ସହିତ ପରୀକ୍ଷଣ :-**

ଯେକୌଣସି କଳା କୃତି ନିର୍ମାଣ / ପ୍ରସ୍ତୁତି ପାଇଁ ସାମଗ୍ରୀ ବା ମୌଳିକ ଉପକରଣ ଆବଶ୍ୟକ ହୋଇଥାଏ । ବିଭିନ୍ନ ପ୍ରକାରର କଳା ସାମଗ୍ରୀ ବା ଉପକରଣ ଯଥା - ପେନ୍‌ସିଲ୍, ରଙ୍ଗବ୍ରସ୍, ଅଠା ଇତ୍ୟାଦିକୁ ଅଭିବ୍ୟକ୍ତିର ଏକ ଉପାୟ ଭାବେ ବ୍ୟବହାର କରି ସମାନୁପାତ, ଗଭୀରତା, ଆଲୋକ, ଛାୟା ଏବଂ ସ୍ପର୍ଶ ଜନିତ ଅନୁଭବର ଏକ ଧାରଣାର ବିକାଶ ପାଇଁ ପିଲାମାନଙ୍କୁ ବିଭିନ୍ନ ପ୍ରକାରର ଚିତ୍ର ଓ କଳାକୃତି ତିଆରି ନିମନ୍ତେ ଉତ୍ସାହିତ କରିବା ଉଚିତ୍ । ସେମାନେ ଏହି ଚିତ୍ର ବା କଳାକୃତି ତିଆରି ନିମନ୍ତେ ବିଭିନ୍ନ ଆକାରର କାଗଜକୁ ଭଲ ଭାବରେ ବ୍ୟବହାର କରିପାରିବେ । ସାମଗ୍ରୀଗୁଡିକ ଆମ ଚତୁଃପାର୍ଶ୍ୱରେ ଉପଲବ୍ଧ । ସେହି ସାମଗ୍ରୀ ବା ଉପାଦାନଗୁଡ଼ିକ ଯଥା - ପତ୍ର, ଛୋଟଛୋଟ ଡାଳ, ଶୁଖିଲା ଫୁଲ, କନା, ଟୁକୁଡା କାଗଜ ଇତ୍ୟାଦି । ଆମକୁ ଚତୁଃପାର୍ଶ୍ୱରେ ମିଳୁଥିବା ବିଭିନ୍ନ ସାମଗ୍ରୀକୁ ଖୋଜି କଳାକୃତି ତିଆରି ନିମନ୍ତେ ନିଜ ମନ ମୁତାବକ ଆବଶ୍ୟକୀୟ ସାମଗ୍ରୀକୁ ସଂଗ୍ରହ କରିବା ଦରକାର ।

ଆଗ କାଳର ଲୋକମାନେ ନିଜ ମନର ଭାବନା ଓ ଚିନ୍ତାଧାରାକୁ ପ୍ରକାଶ କରିବା ନିମନ୍ତେ ପ୍ରକୃତିରୁ ବିଭିନ୍ନ ପ୍ରାକୃତିକ ସାମଗ୍ରୀଗୁଡିକୁ ସଂଗ୍ରହ / ଅନୁସନ୍ଧାନ କରୁଥିଲେ । ଉଦାହରଣ ସ୍ୱରୂପ - ପଥରଖଣ୍ଡ, ପତ୍ରର ରସ, ଫୁଲ,ଫଳ, ପଥର ଇତ୍ୟାଦ ସଂଗ୍ରହ କରି ଗୁମ୍ଫାର କାନ୍ଥରେ ବିଭିନ୍ନ ପଶୁ ଏବଂ ମଣିଷର ଚିତ୍ର ଅଙ୍କନ କରୁଥିଲେ ଯାହାକି ଅନେକ ବର୍ଷଧରି ଜୀବିତ ହୋଇ ରହିଛି । ତୁମେମାନେ ବର୍ତ୍ତମାନ ଯେପରି ପେନ୍‌ସିଲ୍‌କୁ ବ୍ୟବହାର କରୁଛ ଆଦିମ ମାନବ ପଥରକୁ ସେହି ପରି ଭାବରେ ବ୍ୟବହାର କରୁଥିଲେ ।

**୨.୨.୧: ପେନ୍‌ସିଲ୍ :**

ଯେତେବେଳେ ପ୍ରାରମ୍ଭିକ ବୟସରେ ପିଲାମାନଙ୍କୁ ପେନସିଲ ଦିଆଯାଏ ସେମାନ ଏଣେତେଣେ ଲେଖିବା ଆରମ୍ଭ କରିଦିଅନ୍ତି । ଏହା ହେଉଛି ଏକ ଉତ୍ତମ ଓ ସହଜ ଉପଲବ୍ଧ ମାଧ୍ୟମ ଏବଂ ସାଧନୀ ଯାହାଦ୍ୱାରା ସେମାନେ ନିଜର ଅନ୍ତର୍ନିହିତ ଇଛା ଓ ମନୋଭାବକୁ କାଗଜରେ ଲିଖନ ମାଧ୍ୟମରେ ପରିପ୍ରକାଶ କରିଥାନ୍ତି ।

ପେନ୍‌ସିଲ୍‌ର ପ୍ରକାରଭେଦ

ଗ୍ରାଫାଇଟ୍ ଯୁକ୍ତ ପେନ୍‌ସିଲ୍:

ଏହା ହେଉଛି ଅତି ସାଧାରଣରେ ପେନ୍‌ସିଲ୍ ଯାହାକି କାଠଦ୍ୱାରା ଆଚ୍ଛାଦିତ ହୋଇଥାଏ । ସେଗୁଡ଼ିକ ମାଟି ଓ ଗ୍ରାଫାଇଟ୍‌ର ମିଶ୍ରଣରେ ତିଆରି ହୋଇଥାଏ । ସେଗୁଡିକର ଘନତା/ଗାଢ଼ତା ଧୂସର ରଙ୍ଗରୁ କଳାରଙ୍ଗ ପର୍ଯ୍ୟନ୍ତ ପାର୍ଥକ୍ୟ ଦେଖାଯାଏ । ପେନ୍‌ସିଲ୍‌ଗୁଡ଼ିକ ଅଧିକ ଶକ୍ତ/କଠିନ (H)ରୁ ଅଧିକ ନରମ ଓ କଳା ରଙ୍ଗର (B) ହୋଇଥାଏ ।

ପେନ୍‌ସିଲ୍‌ର କଳା ରଙ୍ଗରେ ଗାଢ଼ତାର ବିଭିନ୍ନ ସ୍ତରର / ପରିମାଣର ହୋଇଥାଏ ।

ଯଥା-H,2H, B, HB, 3B, 2B, 5B, 6B

ରେଖାଚିତ୍ର ଅଙ୍କନ ପାଇଁ ପେନ୍‌ସିଲ୍‌ର ବୈଶିଷ୍ଟ୍ୟ:

HB - କଠିନ କଳା, ଲେଖା ପାଇଁ ବ୍ୟବହୃତ

2B - ୨କଳା, ହାଲ୍‌କା କଳା ରଙ୍ଗ ପାଇଁ

4B - ୪କଳା, ମଧ୍ୟମ ଧରଣର କଳାରଙ୍ଗ ପାଇଁ

6B -୬କଳା, ଗାଢ଼ କଳା ପାଇଁ ବ୍ୟବହୃତ ।





ରଙ୍ଗୀନ ପେନ୍‌ସିଲ୍ - ଏ ପ୍ରକାର ପେନ୍‌ସିଲ୍‌ରେ ଅନ୍ତଃସ୍ଥଳରେ ରଙ୍ଗୀନ ମହମ ଆକାରରେ ଥାଏ । ବହୁ ପ୍ରକାରର ରଂଗ ଏକ ସଂଗେ ମିଶ୍ରିତ ହୋଇଥାଏ ।

କେତେକ ସୂଚନା (Some Tips)

ରଙ୍ଗୀନ ପେନ୍‌ସିଲ୍ କୌଶଳ-

- ପକ୍ଷୀର ପରବିନ୍ୟାସ (Feathering)

ଏକ କ୍ଷେତ୍ର ଉପରେ ରଂଗକରି ଏହା ଉପରେ ହାଲ୍‌କା ଭାବେଚିତ୍ର ରଂଗ ଅଙ୍କନ କରିବା ଦ୍ୱାରା ପ୍ରକୃତ ଚିତ୍ରଟି ଦୃଶ୍ୟମାନ ହେବ ।



ମିଶ୍ରଣ (Blending) ବିଭିନ୍ନ ପ୍ରକାର ରଙ୍ଗଙ୍କୁ ଏକତ୍ର କରି ଏକ ନୂତନ ରଙ୍ଗ ଓ ଛାୟା ସୃଷ୍ଟି କରିବା ।



ମାଜି ସଫା କରିବା (Brushing): ରଙ୍ଗକୁ ମାର୍ଜିତ କରିବାପାଇଁ, ଦିଆଯାଇଥିବା ରଙ୍ଗରେ ଧଳାରଙ୍ଗର ପେନ୍‌ସିଲ୍ ବ୍ୟବହାର କରିବା । ଏହି ପ୍ରକାରର କୌଶଳରେ ବିଭିନ୍ନ ରଂଗର ମିଶ୍ରଣ ହେବା ଦ୍ୱାରା ରଂଗର ଉଜ୍ଜଳତା ଆସିଥାଏ ।



**ମୂର୍ତ୍ତି ଖୋଦନ(Emboss):** ଡ୍ରଇଁ କାଗଜ ଉପରେ ଏକ ଛୋଟକାଗଜ ଟୁକୁଡା ନିଅ । ବଲ୍ ପେନ୍‌ରେ ଯେକୌଣସି ଡିଜାଇନର ଚିତ୍ର ଅଙ୍କନ କର । ସ୍କ୍ରାପ୍ ପେପରକୁ ବାହାର କରିଦିଅ ଓ ପେନ୍‌ସିଲ୍‌ରେ ତା' ଉପରେ ଘର୍ଷଣ କର ।



**ଅଙ୍ଗାର / କୋରସ ପେନ୍ସିଲ୍ :-**ଏପ୍ରକାରର ପେନ୍ସିଲ୍ କୋଇଲାରୁ ତିଆରି ଏବଂ ଗ୍ରାଫାଇଟ୍ ପେନ୍ସିଲ୍ ଅପେକ୍ଷା ଏହା ଦ୍ୱାରା ସହଜରେ ଦାଗ କରାଯାଇପାରେ । ଏହାକୁ ସହଜରେ ଚିତ୍ର ଅଙ୍କନରେ ବ୍ୟବହାର କରାଯାଇପାରେ ।

**ଜଳରଙ୍ଗ ପେନ୍ସିଲ୍ (Water color pencil ):** ଏଗୁଡିକ ପାଣି ରଙ୍ଗ କୌଶଳରେ ବ୍ୟବହୃତ ହୁଏ । ଏହି ପେନ୍ସିଲ୍ ଦ୍ୱାରା କରାଯାଇଥିବା ଧାର / ଗାର ପାଣି ଦ୍ୱାରା ମିଳାଇଥାଏ ଏବଂ ବ୍ରସ୍ ଦ୍ୱାରା ମେଲିଯାଏ/ ଖେଳାଇଯାଏ । ଯେଉଁ ପିଲାମାନେ ବ୍ରସ୍ ପେଣ୍ଟିଂରେ ଅଭ୍ୟସ୍ତ ନଥା'ନ୍ତି ସେମାନେ ଏହି ପେନ୍ସିଲ୍ ଦ୍ୱାରା ଜଳରଙ୍ଗ ବ୍ୟବହାର କରିପାରିବେ । ସେଗୁଡ଼ିକୁ ରଙ୍ଗ କରିବାପରେ ଏକ ଜଳସ୍ତର ତା' ଉପରେ ପ୍ରୟୋଗ କରାଯାଇ ଏକ ମସୃଣ ପ୍ରଭାବ ଦିଆଯାଇଥାଏ ।

**କେତେକ ସୂଚନା**

**ଜଳ ରଙ୍ଗ ପେନ୍ସିଲ୍ କୌଶଳ:**



- **ଚିମୁଟାଏ ଲୁଣ -** ପୃଷ୍ଠଭାଗକୁ ରଙ୍ଗ କର । ତାକୁ ଓଦା କରି ତା' ଉପରେ ଚିମୁଟାଏ ଲୁଣ ଛିଞ୍ଚି ଦିଅ । ଏହା ଏକ କ୍ରିଷ୍ଟାଲ, ବରଫ କାକାରର ପ୍ରତିବିମ୍ବ ଦେଖାଯିବ । ଏହି ଚିତ୍ରଟି ଶୁଖିଗଲା ପରେ ତୁମେ ଏହା ଉପରେ ଚିତ୍ର ଅଙ୍କନ କରିପାରିବ ।

Pointidlism:ଏକ ସୀମା ପେନ୍ସିଲ୍ ସାହାଯ୍ୟରେ ଏକ ଆଉଟ୍‌ଲାଇନ୍ ଅଙ୍କନ କର । ପାଣି ରଙ୍ଗ ପେନସିଲର ଅଗ୍ରଭାଗକୁ ଓଦା ବ୍ରଶ ସାହାଯ୍ୟରେ ଓଦା କର । ଏହାକୁ ଏକ କାଗଜ ଉପରେ ଛାପିଦିଅ ଏବଂ ଏହାର ବାହ୍ୟଧାରରେ ରଙ୍ଗ କରିବା ପାଇଁ ଏହା ଉପରେ ବାରମ୍ବାର ବହୁତଗୁଡିଏ ବିନ୍ଦୁ ଦିଅ । ଯଦି ତୁମେ ଏହି ସମାନ ବିନ୍ଦୁ ପାଖାପାଖି ଦେଖିବ ତେବେ ତୁମେ ଦୃଷ୍ଟି ସମ୍ବନ୍ଧୀୟ ବୈସାମଞ୍ଜସ୍ୟ ଥିବା ରଙ୍ଗ ବ୍ୟବହାର କରୁଥିବା ଚିତ୍ର ଦୃଶ୍ୟମାନ ହେବ । ତୁମେ ଏହି ପ୍ରକାରର କୌଶଳ ପ୍ରୟୋଗ କରି ବିଜୁଳି ଚକ୍‌ଚକ୍ କରୁଥିବା ଓ ନକ୍ଷତ୍ରର ଚିତ୍ର ଅଙ୍କନ ଦେଖିପାରିବ ।



**ଉଜ୍ଜ୍ୱଳ / ଚିକ୍କଣ ପ୍ରଭାବ (Glossy Effect ):**

ତୁମେ କରିଥିବା ଚିତ୍ରରେ ଚିକ୍‌କଣ / ଉଜ୍ଜ୍ୱଳ ଆଲୋକ ଦେବାପାଇଁ ତା'ପରେ ରଙ୍ଗକରି ଜଳ ମିଶ୍ରିତ ପତଳା ଅଠାର ଏକ ଆସ୍ତରଣ ଦିଅ । ଏକ ଅଧିକ ଉଜ୍ଜ୍ୱଳ ପ୍ରଭାବ ଦେବାପାଇଁ ତା'ଉପରେ ଅଧିକରୁ ଅଧିକ ଅଠାର ଆସ୍ତରଣ ଦିଅ ।



**ନିଜ ଅଗ୍ରଗତି ଆକଳନ -୨**

୧. ଛାୟା ପାଇଁ କେତେ ପ୍ରକାରର ପେନ୍ସିଲ୍ ବ୍ୟବହାର କରାଯାଏ------ ?



ଟିପ୍ପଣୀ

୨. ଆମ ଦୈନନ୍ଦିନ ଜୀବନରେ ଲେଖିବା ପାଇଁ ----ପ୍ରକାରର ପେନ୍‌ସିଲ୍ ବ୍ୟବହାର କରାଯାଏ ?

୩. ଅଙ୍ଗାରକ ପେନ୍‌ସିଲ୍ ---- ପାଇଁ ବ୍ୟବହୃତ ହୁଏ ?

**୨.୨.୨: କ୍ରେୟନ୍ ରଙ୍ଗ:**

କ୍ରେୟନ୍ ରଙ୍ଗଟି ଖଡ଼ି ପରି ମହମର ତିଆରି ଏକପ୍ରକାର ରଙ୍ଗ କାଠି, ଯାହା ବିଭିନ୍ନ ପ୍ରକାରର ରଙ୍ଗର ମିଶ୍ରଣରେ ତିଆରି ।

ଏହା ବିଭିନ୍ନ ପ୍ରକାରର -

(କ) ଶୁଖିଲା ରଙ୍ଗକାଠି କ୍ରେୟନ୍ (**Drypasted**): ଏହା ୨ ପ୍ରକାରର କଠିନ ଓ ନରମ କ୍ରେୟନ୍

କଠିନ କ୍ରେୟନ୍ (**Hard Pastel** ) :

- ଏହା ଶକ୍ତିଭାବେ ବାନ୍ଧି ହୋଇଥାଏ ଓ ରଙ୍ଗର ଉପାଦାନ କମ୍‌ଥାଏ ।
- ବାହ୍ୟ ଧାର ଅଙ୍କନ କରିବାରେ ବ୍ୟବହାର ହୁଏ ।
- ଏହାର ରଙ୍ଗର ଔଜ୍ଜ୍ୱଲ୍ୟତା କ୍ଷୀଣ ଅଟେ ।
- ଦୃଢ କରାଉଥିବା ନିବନ୍ଧକ ଆବଶ୍ୟକ କରେ ନାହିଁ ।

କୋମଳ କ୍ରେୟନ (**soft pastel**):

- ଏହା ଶକ୍ତି ଭାବେ ବାନ୍ଧିହୁଏ ନାହିଁ । ରଙ୍ଗର ଉପାଦାନ ଅଧିକ ଥାଏ ।
- ତ୍ରଇଁ ସହଜରେ ବାନ୍ଧି ହୁଏ ଓ ମିଶି ଯାଏ ।
- ରଙ୍ଗ ଉଜ୍ଜ୍ୱଳ ଅଟେ ।
- ଧୂଳିମଳିରୁ ରକ୍ଷାକରିବାକୁ ଏହାକୁ ବାନ୍ଧି ରଖିବାକୁ ହୁଏ ।
- ତୈଳାକ୍ତ କ୍ରେୟନ (ଅଏଲ୍ ପେଷ୍ଟଲ) : ଏଗୁଡିକ ଉଜ୍ଜ୍ୱଳ ରଙ୍ଗ ଏବଂ ନରମ ଯୁକ୍ତ ଅଟେ । ଏହା ଅନ୍ୟ ସହିତ ମିଶ୍ରିତ ହେବା ନିମନ୍ତେ କଷ୍ଟକର ଅଟେ, କିନ୍ତୁ ଚିତ୍ରାଙ୍କନରେ ସୁନ୍ଦର / ସୁମେଳକ ରଙ୍ଗଦେବା ନିମିତ୍ତ ଏହାକୁ ତୁଳା କିମ୍ବା କପଡ଼ାରେ ମିଶାଇ ଦିଆଯାଇପାରେ ।

ଏଗୁଡ଼ିକର ଦୃଢ ନିବନ୍ଧକ ଆବଶ୍ୟକ ହୁଏନାହିଁ ।

କ୍ରେୟନ୍ ରଙ୍ଗରେ ଚିତ୍ରାଙ୍କନ କରିବା ସହଜ ହୁଏ, ଯେହେତୁ ଏଗୁଡ଼ିକରେ ବିଭିନ୍ନ ରଙ୍ଗ ସଠିକ୍ ପ୍ରଣାଳୀରେ ବାନ୍ଧିହୋଇ ରହିଥାଏ । ଲିଓନାର୍ଡୋଦା ଭିନ୍‌ସି ପ୍ରଥମେ ଏହି କ୍ରେୟନ ମାଧ୍ୟମରେ ରଙ୍ଗ କରିବା ପ୍ରଣାଳୀ ପ୍ରୟୋଗ କରିଥିଲେ । ଏହି ପ୍ରଣାଳୀ ଜନପ୍ରିୟ ହେବାର ମୁଖ୍ୟ କାରଣ ହେଉଛି ଉଜ୍ଜ୍ୱଳ ରଙ୍ଗର ବ୍ୟବହାର ।

**କେତେକ ମଜାଳିଆ ଏବଂ ଫଳପ୍ରଦ ରଙ୍ଗ କରିବା ପଦ୍ଧତି -**

କ୍ରେୟନ କୌଶଳ:



**କ୍ରେୟନ ପ୍ରଭାବ (postel effect)**: କ୍ରେୟନ୍ ରଙ୍ଗ କଲାବେଳେ ହାଲ୍‌କା ଭାବେ ରଙ୍ଗ କଲେ ତାହା ସୂକ୍ଷ୍ମ ଓ ସୁନ୍ଦର ହୋଇପାରିବ ।

**କାନ୍ଥଚିତ୍ର କୌଶଳ (Graffito Technique)**: ଏପ୍ରକାର କୌଶଳରେ ବିଭିନ୍ନ ରଙ୍ଗକୁ ଦୁଇଟି ସ୍ତରରେ ଆସ୍ତରଣ ଦିଆଯାଏ । ପ୍ରଥମେ ହାଲ୍‌କା ରଙ୍ଗରେ କାଗଜ ଫର୍ଦ୍ଦକୁ ଆଚ୍ଛାଦିତ କରାଯାଏ- ତତ୍ ପରେ ଏହାକୁ ବିଭିନ୍ନ ରଙ୍ଗରେ ଏକ ଆସ୍ତରଣ ଦିଆଯାଏ । ତା'ଉପରେ କଳାରଙ୍ଗର କ୍ରେୟନ୍ ରଙ୍ଗର ଏକ ଆସ୍ତରଣ ଦିଆଯାଏ ।



**ବାଟିକ୍ (Batik)** - ମହମ କ୍ରେୟନ୍ ରଙ୍ଗରେ ପ୍ରଥମେ ଚିତ୍ର ଅଙ୍କନ କରାଯାଏ । ତା'ପରେ ପୃଷ୍ଠଭାଗ/ ପ୍ରଚ୍ଛଦପଟ୍ଟକୁ ଜଳରଙ୍ଗରେ ରଙ୍ଗାୟିତ କରାଯାଏ । ଜଳ ଉପର ଦେଇ ନିଗିଡି ଯାଇ ଏକ ରଙ୍ଗ ଦୃଶ୍ୟହୁଏ ।

**କ୍ରେୟନ୍ କୌଶଳ (Pastel Techniques )**

**ବିଭିନ୍ନ ସାମଗ୍ରୀ** - ତୈଳାକ୍ତ କ୍ରେୟନ୍ ରଙ୍ଗ ବିଭିନ୍ନ ପୃଷ୍ଠଭାଗ ଯଥା - କାଚ, ପ୍ଲାଷ୍ଟିକ୍ କିମ୍ବା ମାଟି ପାତ୍ର ଉପରେ ଅଙ୍କନ କରାଯାଇପାରେ ।



**୨.୨.୩. ପୋଷ୍ଟର ରଙ୍ଗ (Poster Colour)**

ପୋଷ୍ଟର ରଙ୍ଗ ହେଉଛି ଜଳରଙ୍ଗ ଯାହା ଅଠାଦ୍ୱାରା ବାନ୍ଧି ହୁଏ, ଯାହା ସ୍ୱଚ୍ଛ ଶୀଘ୍ର ଯଥା - ଅଠା । ସେଗୁଡ଼ିକ ସାଧାରଣତଃ କାଚ ଜାର୍‌ରେ ବିକ୍ରୟ ହୁଏ । ଯାହାକୁ **Show - Card** ରଙ୍ଗ କିମ୍ବା **Tempera** ରଙ୍ଗ କୁହାଯାଏ । ଏଗୁଡ଼ିକୁ ପୋଷ୍ଟର ଲେଖିବା, କାର୍ଡ ତିଆରି ଇତ୍ୟାଦିରେ ବ୍ୟବହୃତ ହୁଏ ।

ପୋଷ୍ଟର ରଙ୍ଗର ବ୍ୟବହାର : ପୋଷ୍ଟର ରଙ୍ଗଗୁଡ଼ିକ ବହୁଳଭାବେ ପ୍ରାକୃତିକ ଦୃଶ୍ୟ, ରଙ୍ଗ ଏବଂ ବ୍ୟବସାୟିକ କଳା ଉଦ୍ଦେଶ୍ୟରେ ବ୍ୟବହୃତ ହୁଏ ଏବଂ ଏଗୁଡ଼ିକ ମଧ୍ୟ ଶୈକ୍ଷିକ କାର୍ଯ୍ୟ, ଆଦର୍ଶ ଚିତ୍ର ଏବଂ ପ୍ରଦର୍ଶନ ତିଆରି ଇତ୍ୟାଦିରେ ବ୍ୟବହୃତ ହୁଏ ।

ଶିକ୍ଷକ ଛାତ୍ରଛାତ୍ରୀମାନଙ୍କୁ ଏହି ପୋଷ୍ଟର ରଙ୍ଗର ବ୍ୟବହାର କୌଶଳ ଶିଖିବା ନିମନ୍ତେ ସାହାଯ୍ୟ କରିପାରିବେ । (ଅଳ୍ପ ପରିମାଣର ରଙ୍ଗରେ ଅତି ଅଳ୍ପ ପାଣି ମିଶାଇ ଦ୍ରବଣ ପ୍ରସ୍ତୁତ କରିବା) । ତାହା ବହଳିଆ ଏବଂ ମସୃଣ ହେବ । ବସ୍ତୁର ଗଠନ / ଆକାରକୁ ରଖି ଯଥା - ବାଲି ଖଦଡା, ଆକାଶ ମସୃଣ ଇତ୍ୟାଦି ଏହି ଗଠନ / ଆକାରକୁ ରୂପାୟିତ କରିବା ପାଇଁ ରଙ୍ଗ ତୂଳୀକୁ ସେହି ଅନୁଯାୟୀ ରଙ୍ଗାୟିତ କରିବାକୁ ହେବ । ପିଲାମାନଙ୍କୁ ସାଧାରଣତନ୍ତ୍ର ଦିବସର ପୋଷ୍ଟର ତିଆରି ନିମନ୍ତେ ଉତ୍ସାହିତ କରିବା ଆବଶ୍ୟକ । ଏତଦ୍ ବ୍ୟତୀତ ବିଭିନ୍ନ ପର୍ବପର୍ବାଣୀ, ଅନ୍ୟାନ୍ୟ ସାମାଜିକ ପ୍ରସଙ୍ଗ, ଯଥା - ପ୍ରଦୂଷଣ, ବନୀକରଣ ଏବଂ ଗ୍ଲୋବାଲ ୱାରମିଂ ଇତ୍ୟାଦି ବିଷୟରେ ରଙ୍ଗକାମ କରିବା ନିମନ୍ତେ ଉତ୍ସାହିତ କରିବା ଆବଶ୍ୟକ । ଛାତ୍ରଛାତ୍ରୀମାନେ ନିଜ ପାଖରେ ସରୁଧାର୍ / ଗାର ଅଙ୍କନ ନିମିତ୍ତ ୦,୨,୪, ନଂ. ଗୋଲାକାର ବିଶିଷ୍ଟ ବ୍ରଶ୍ ରଖିବା ଆବଶ୍ୟକ । ବଡ କ୍ଷେତ୍ରକୁ ରଙ୍ଗ କରିବା ନିମିତ୍ତ ୫, ୬, ୮,ନମ୍ବର ବ୍ରଶ୍ ରଖିବା ଆବଶ୍ୟକ । ଚଉଡ଼ା ଓ ଓସାରିଆ ବ୍ରଶ୍‌କୁ ବ୍ୟବହାର କରି ପୋଷ୍ଟର ଉପରେ ଲେଖଯାଇପାରିବ ।

ଏହା ପିଲାମାନଙ୍କୁ ବ୍ରଶ୍‌କୁ ସଠିକ୍ ଭାବରେ ଧରିବା କୌଶଳ ଶିକ୍ଷା କରିବା ନିମନ୍ତେ ସହାୟତା ପ୍ରଦାନ କରିଥାଏ ।

**ମନେରଖ**

ତୂଳୀକୁ ସର୍ବଦା ପରିଷ୍କାର ରଖିବା ଉଚିତ୍ ଏବଂ ଗୋଟିଏ ରଙ୍ଗ ଅନ୍ୟ ସହିତ ସହଜରେ ମିଶିନଥାଏ, ଯାହାକି ତାହା ନିଜସ୍ୱ ରଙ୍ଗକୁ ହଜେଇଦିଏ । ଏକ ପାଣିପାତ୍ର ସାହାଯ୍ୟରେ ବ୍ରଶ୍‌କୁ ନିୟମିତ ଭାବେ ବ୍ୟବହାର କରିବା ଏବଂ ଗୋଟିଏ ରଙ୍ଗପରେ ଅନ୍ୟରଙ୍ଗ ବ୍ୟବହାର ପୂର୍ବରୁ ମଧ୍ୟ ବ୍ରଶ୍‌କୁ ଭଲଭାବେ ଧୋଇ ପରିଷ୍କାର କରିବା ଉଚିତ୍ ଓ ତତ୍‌ପରେ ବ୍ୟବହାର କରିବା ଉଚିତ୍ ।

ଟିପ୍ପଣୀ

**ନିଜ ଅଗ୍ରଗତି ଆକଳନ - ୩**

୧. ୨ଟି ଶୁଷ୍କ କ୍ରେୟନ୍‌ର ନାମ ଲେଖ ।

୨. କ୍ରେୟନ୍ ରଙ୍ଗ ----- ପାଇଁ ଏକ ଉତ୍ତମ ମାଧ୍ୟମ ଅଟେ ।

୩. ତୈଳାକ୍ତ ପେଷ୍ଟଲ ରଙ୍ଗକୁ ------ ପାଇଁ ବ୍ୟବହାର କରାଯାଇପାରିବ ।

୪. ପୋଷ୍ଟର ରଙ୍ଗଗୁଡିକ ସ୍ୱଚ୍ଛ ଅଟେ । (ହଁ / ନା)

୫. ପୋଷ୍ଟର ରଙ୍ଗକୁ ------ ଭାବରେ ନାମିତ କରାଯାଏ ।

**୨.୨.୪: କଲମ ଏବଂ କାଳି (PER & INK)**

କଲମ ଓ କାଳିର ବ୍ୟବହାର ପେନ୍‌ସିଲ୍‌ର ଚିତ୍ର ଅଙ୍କନ ସହ ସାମଞ୍ଜସ୍ୟ ରହିଛି । ବଜାରରେ ବିଭିନ୍ନ ପ୍ରକାରର କଲମ ଉପଲବ୍ଧ ହେଉଛି । ଯଥା - ଫେଲ୍ଟ ଟ୍ରିପ୍ ମାର୍କର, ଫାଉଣ୍ଟେନ୍ ପେନ୍ ଇତ୍ୟାଦି ।

ଆମେ ମଧ୍ୟ ପ୍ରକୃତିରୁ ମିଳୁଥିବା ବସ୍ତୁକୁ ନେଇ କଲମ ପ୍ରସ୍ତୁତ କରିପାରିବା । ଉ. ସ୍ୱ - କାଠି, ବାଉଁଶ, ପକ୍ଷୀର ପର, ନିବ୍ -ପିନ୍ ଏକ ପ୍ରକାରର ଜଳଜ ଉଦ୍ଭିଦ (Reeds) .ଇତ୍ୟାଦି । ପ୍ରତ୍ୟେକ ପ୍ରକାରର କଲମ ଦ୍ୱାରା ସ୍ୱତନ୍ତ୍ର ଧରଣର ଗାର କାଗଜ ଉପରେ ଅଙ୍କନ କରାଯାଇପାରିବ ଯାହାକୁ ଉଦ୍ଭାବନ ଓ ପରୀକ୍ଷଣ କରିବାର ଆବଶ୍ୟକତା ରହିଛି । ପିଲାମାନେ ଚିତ୍ର ଅଙ୍କନ ନିମନ୍ତେ ଉତ୍ସାହିତ ହେବା ଆବଶ୍ୟକ । ଏତଦ୍ ବ୍ୟତୀତ ସେମାନଙ୍କୁ କାଠି କଲମ ଦ୍ୱାରା ସୁନ୍ଦର ହସ୍ତଲିପି ମାଧ୍ୟମରେ ବିଭିନ୍ନ ଚିତ୍ର ଅଙ୍କନ କରିବା ନିମନ୍ତେ ଆଗ୍ରହୀ କରିବା ଉଚିତ୍ । ଉ.ସ୍ୱ - ସେମାନେ 'ବନ୍ଦେ ମାତରମ୍ ' ଓ 'ଜୟ ହିନ୍ଦ୍ ' ଇତ୍ୟାଦିକୁ ବିଭିନ୍ନ ପ୍ରକାରର ପେନ୍‌ସିଲ୍ ବ୍ୟବହାର କରି ଆକର୍ଷଣୀୟ ଭାବେ ଲେଖି ପାରିବେ ।

**ବିଭିନ୍ନ କଲମର କେତେକ ଉଦାହରଣ –**

- ସୂକ୍ଷ୍ମଗାର ଯୁକ୍ତ କଲମ - ଜେଲ୍ ପେନ୍, ଏଡିଟିଙ୍ଗ,ଷ୍ଟେଡ୍‌ଲ୍‌ର, ରୋଟରିଂ, ବେରୋଲ ଇତ୍ୟାଦି ।

- ମାର୍କର ପେନ୍ - ଆକ୍ୱାରେଲ୍ ମାର୍କର, ବ୍ରଶ୍ ମାର୍କର, ଗ୍ଲାମ୍ ଏବଂ କ୍ରାଫ୍ଟ ମାର୍କର, ଗ୍ରାଫିକ୍ ମାର୍କର, ଇତ୍ୟାଦି ।

- ଫେଲ୍‌ଟ୍‌ପେନ୍ ଆକ୍ୱାରେଲ୍ ପେନ୍, ବେରୋଲ୍ ଫେଲ୍‌ଟ ପେନ୍, କ୍ରେୟୋଲା ଫେଲ୍ଟ ପେନ୍, ସ୍ୱତନ୍ତ୍ର କାରିଗରୀ ନିମନ୍ତେ ଫେଲ୍ଟପେନ୍ ଇତ୍ୟାଦି ।

କାଳି : କାଳି ମୁଖ୍ୟତଃ ଜଳ, କାର୍ବନ୍, ବତୀ କଳା ଏବଂ, ବାନ୍ଧିବା ପାଇଁ ଅଠାଳିଆ ସାମଗ୍ରୀ (ଲାଖ) ଏବଂ ଅନ୍ୟାନ୍ୟ ବାନ୍ଧିରଖିବା ସାମଗ୍ରୀର ମିଶ୍ରଣରୁ ପ୍ରସ୍ତୁତ ହୁଏ । କାଳି ହେଉଛି ଜଳୀୟ ଦ୍ରବଣ ଯାହାକି କୌଣସି ବସ୍ତୁରେ ଲାଗିଗଲେ ତାହାକୁ ହଟାଇବା କଠିନ ଅଟେ । କାଳିର ଫଳପ୍ରଦ ବ୍ୟବହାର ପାଇଁ ଉପଯୁକ୍ତ କାଗଜ ନିର୍ବାଚନର ଆବଶ୍ୟକ ରହିଛି ।

କାଳି - ଆକ୍ରିଲିକ୍ କାଳି, ଚିତ୍ରାଙ୍କନକାଳି, ଭାରତୀୟକାଳି ଇତ୍ୟାଦି ।

କେତେକ କୌତୁଳିଆ କିନ୍ତୁ ଫଳପ୍ରଦ ରଙ୍ଗ କରିବା ପଦ୍ଧତି :-

ଜଳରୋଧି କାଳିର ଦାଗକୁ ଜଳପୂର୍ଣ୍ଣ ଟବ୍‌ରେ ପକାଅ, ତାପରେ ଏକ ଧଳା କାଗଜ ଫର୍ଦ୍ଦକୁ ଯତ୍ନ ସହକାରେ ପାଣିର ଉପରିଭାଗରେ ରଖ । ଯେତେବେଳେ ଏହାକୁ ପାଣିର ଗୋଟିଏ କୋଣରୁ ବାହାର କରିବ ଦେଖିବ ଏକ ସୁଦୃଶ୍ୟ/ ସୌନ୍ଦର୍ଯ୍ୟ ବର୍ଦ୍ଧକ ନକ୍ସା / ଢାଞ୍ଚା ଏବଂ ମାର୍ବଲ ଭଳି ସୁଦୃଶ୍ୟ ଚିତ୍ର ସୃଷ୍ଟି ହୋଇଥିବ । ଏହାକୁ ଶୁଖାଇ ଉପହାର ବାକ୍ସ ଏବଂ ବହିକୁ ଆବୃତ୍ତ କରିବା ନିମନ୍ତେ ବ୍ୟବହାର କରାଯାଇପାରିବ ।

**୨.୨.୫.: ରଙ୍ଗୋଲି**

ରଙ୍ଗୋଲି ହେଉଛି ଏକ ଭାରତୀୟ ସୌନ୍ଦର୍ଯ୍ୟ ପୂର୍ଣ୍ଣ ପରମ୍ପରାଗତ ଲୋକକଳା । ଏଗୁଡ଼ିକୁ ହିନ୍ଦୁ ଧର୍ମର ଲୋକମାନେ ବିଭିନ୍ନ ପର୍ବପର୍ବାଣି ବେଳେ ପ୍ରୟୋଗ କରିଥାନ୍ତି ।

ବିଭିନ୍ନ ରାଜ୍ୟରେ ବିଭିନ୍ନ ପ୍ରକାରର ସାଜସଜ୍ଜା ଓ ସୌନ୍ଦର୍ଯ୍ୟ କରଣ କରାଯାଏ । ଯଥା - ମଣ୍ଡାନା ରାଜସ୍ଥାନରେ , ଆଲ୍‌ପନା ବେଙ୍ଗଲ୍‌ରେ ଇତ୍ୟାଦି । ରଙ୍ଗୋଲିର ରୂପାଙ୍କନ / ନକ୍ସା ସାଧାରଣତଃ ସରଳ ଜ୍ୟାମିତିକ ଆକୃତିର, ଦେବାଦେବୀଙ୍କ ପ୍ରତିରୂପ / ଧର୍ମୀୟ ଭାବନାଯୁକ୍ତ ସଙ୍କେତ ଇତ୍ୟାଦିର ହୋଇଥାଏ । ଯଥା - ସ୍ୱସ୍ତିକ ଚିହ୍ନ, ପଦ୍ମ, ଲକ୍ଷ୍ମୀପାଦ ବା ଅନ୍ୟାନ୍ୟ ବିସ୍ତୃତ ଡିଜାଇନର ହୋଇଥାଏ । ରଙ୍ଗୋଲି ପ୍ରସ୍ତୁତ ସାମଗ୍ରୀ ବିଭିନ୍ନ ରାଜ୍ୟରେ ଭିନ୍ନଭିନ୍ନ ହୋଇଯାଏ । ଯଥା -

୧. ଶୁଖିଲା ଚାଉଳ ବା ଅଟା ଗୁଣ୍ଡ - ଯେଉଁଥିରେ ହଳଦୀ, ପ୍ରାକୃତିକ ରଙ୍ଗର ମିଶ୍ରଣ କରାଯାଏ ।

୨. ଫୁଲ - ଚଟାଣ ଉପରେ ଫୁଲର ନକ୍ସା / ଚିତ୍ରକୁ ବିଭିନ୍ନ ଫୁଲର ପାଖୁଡା, ଯଥା - ଗୋଲାପ, ଗେଣ୍ଡୁ ଇତ୍ୟାଦି ଦ୍ୱାରା ଆଚ୍ଛାଦିତ କରି କରାଯାଏ ।

୩. ବାଲି / କରତ ଗୁଣ୍ଡ - ଚଟାଣରେ ତିଆରି ନକ୍ସାକୁ ଶୁଖିଲା ବାଲି / କରତ ଗୁଣ୍ଡରେ କରାଯାଏ ।

୪. ଦୀପ - ଦୀପ ଗୁଡ଼ିକୁ ବିଭିନ୍ନ ପ୍ରକାରର ନକ୍ସାରେ ସଂଯୋଜନ କରି ଆକର୍ଷଣୀୟ ଚିତ୍ର ଅଙ୍କନ କରାଯାଏ ।

ଯଥା - ବାସ୍ତବ ଆକାର ନିମନ୍ତେ କିମ୍ବା ସ୍ୱସ୍ତିକ୍ ଚିହ୍ନ ନିମନ୍ତେ ବିଭିନ୍ନ ରଙ୍ଗର ଅବିର କିମ୍ବା ଶୁଖିଲା ଚାଉଳ ଗୁଣ୍ଡକୁ ପ୍ରତ୍ୟେକ ଦୀପାକୃତି ବୃତ୍ତରେ ଆଚ୍ଛାଦିତ କରି ସୁନ୍ଦର ନକ୍ସା ଅଙ୍କନ କରାଯାଏ ।

**କେତେକ ଟିପ୍ସ / ସୂଚନା -**

ପ୍ରକୃତିରୁ ସାମଗ୍ରୀ

ପିଲାମାନଙ୍କୁ ବିଭିନ୍ନ ସାମଗ୍ରୀ ଯଥା - କାଦୁଅ, ପତ୍ର, ଶାମୁକା, ପଥର, ଛୋଟଛୋଟ ଡାଳ ଇତ୍ୟାଦିକୁ ବ୍ୟବହାର କରି ବିଭିନ୍ନ ରଙ୍ଗୋଲି ସୃଷ୍ଟି ନିମନ୍ତେ ଉତ୍ସାହିତ କରିବା ଆବଶ୍ୟକ । ସେମାନେ ଚତୁଃପାର୍ଶ୍ୱ ପରିବେଶରୁ ବିଭିନ୍ନ ସାମଗ୍ରୀଗୁଡ଼ିକୁ ସଂଗ୍ରହ କରିବା ଆବଶ୍ୟକ ଯାହାକି ସେମାନଙ୍କୁ ପ୍ରକୃତିର ପର୍ଯ୍ୟବେକ୍ଷଣ ମାଧ୍ୟମରେ ବିଭିନ୍ନ ବସ୍ତୁର ଚିହ୍ନଟ ଏବଂ ବ୍ୟବହାର ସମ୍ବନ୍ଧୀୟ ଜ୍ଞାନ ଆହରଣରେ ସହାୟକ ହେବ ।

**୨.୨.୬. କାଦୁଅ**

ବିଭିନ୍ନ ବୟସର ପିଲାମାନେ କାଦୁଅରେ ମୁକ୍ତ ଭାବରେ ଖେଳିବାକୁ ଭଲ ପାଆନ୍ତି । ସେମାନେ ଚତୁଃପାର୍ଶ୍ୱରେ ଦେଖୁଥିବା ବସ୍ତୁକୁ ମାଟିରେ ତିଆରି କରିଥାନ୍ତି । ପ୍ରଥମେ ପ୍ରଥମେ ମାଟିରେ ପ୍ରତିକୃତି / ବସ୍ତୁ ନିର୍ମାଣ ପାଇଁ କୌଣସି ସାଧନୀ/ ଯନ୍ତ୍ରପାତିର ଆବଶ୍ୟକତା ହୋଇନଥାଏ । ଏଗୁଡ଼ିକୁ ପିଲାମାନେ ନିଜନିଜ ହାତର କୌଶଳ ଦ୍ୱାରା ବିଭିନ୍ନ ପ୍ରତିକୃତି ନିର୍ମାଣ କରିଥାନ୍ତି । ହାତଦ୍ୱାରା ପିଲାମାନେ ଚିପିବା, ଚିମୁଟିବା, ଥାପୁଡେଇବା ଏବଂ ଆଘାତ ଦେଇ ପ୍ରାଥମିକ ସ୍ତରରେ ମାଟିରେ ବିଭିନ୍ନ ବସ୍ତୁ ତିଆରି କରିବା ଦ୍ୱାରା ସେମାନଙ୍କ ଚଳନ କୌଶଳର ଅଭିବୃଦ୍ଧି ଘଟିଥାଏ । ମାଟିରେ ତିଆରି ବସ୍ତୁକୁ ପୋଡିବା ଗୁରୁତ୍ୱପୂର୍ଣ୍ଣ ନୁହେଁ । ମାଟିରେ କାମ କରିବାର ଅଭିଜ୍ଞତା ଅଧିକ ଗୁରୁତ୍ୱପୂର୍ଣ୍ଣ ଯାହା କାଦୁଅ ନିକଟବର୍ତ୍ତୀ ଅଞ୍ଚଳରୁ ପ୍ରସ୍ତୁତ କରାଯାଇପାରେ ।

ପ୍ରାଥମିକ ସ୍ତରରେ ପିଲାମାନେ ନିଜ ହାତ ପାପୁଲିରେ ବିଭିନ୍ନ ପ୍ରକାରର କଳାକୃତି ନିର୍ମାଣ କରିଥାନ୍ତି । ସେମାନେ ସେହି ସ୍ଲାବ୍‌ଗୁଡ଼ିକୁ କାଟି, ଯୋଡ଼ି ବିଭିନ୍ନ ପ୍ରକାର ଆକୃତିର କୋଠାଘର ରାସ୍ତା, ଯାନବାହନ ଇତ୍ୟାଦି ଗଢିଥାନ୍ତି । ସେମାନେ ମଧ୍ୟ ଏହି ମାଟିର ନିର୍ମିତ ପାତ୍ରଗୁଡ଼ିକରେ ବିଭିନ୍ନ ଚିତ୍ର ଏବଂ ନକ୍ସା ଅଙ୍କନ କରିଥାନ୍ତି ।

**ଗୁରୁତ୍ୱ :**

୧. କାଦୁଅ ହସ୍ତ - ଆଖିର ସମନ୍ୱୟ ବୃଦ୍ଧିରେ ସହାୟତା କରେ ।

୨. ଏହା ସୂକ୍ଷ୍ମ ମାଂସପେଶୀୟ କୌଶଳ ବୃଦ୍ଧିରେ ସହାୟତା କରିଥାଏ ।

୩. ଏହା ସୃଜନଶୀଳତାର ବିକାଶ କରେ ।

୪. ଶିକ୍ଷଣ ପ୍ରକ୍ରିୟା ଅଧିକ ଚିତ୍ତାକର୍ଷକ ଏବଂ ଆନନ୍ଦଦାୟୀ ହୋଇପାରିବ ।

୫. ଏହା ଏକାଗ୍ରତା ବୃଦ୍ଧି ଏବଂ କଳାକୃତିରେ ଆଗ୍ରହ ସୃଷ୍ଟି କରେ ।

୬. ଏହି କାର୍ଯ୍ୟ କରିବା ସମୟରେ ସମସ୍ତ ଇନ୍ଦ୍ରିୟର ପ୍ରୟୋଗ ହୋଇଥାଏ, ଫଳରେ ଶିକ୍ଷଣ ପ୍ରକ୍ରିୟା ଅତ୍ୟନ୍ତ ଲାଭଦାୟକ ଏବଂ ଦୀର୍ଘ ସମୟ ପାଇଁ ଧରିରଖି ହୋଇଥାଏ ।

**ମନେରଖ**

ମାଟି ବଜାରରେ ବିଭିନ୍ନ ରୂପରେ ଓ ରଙ୍ଗରେ ମିଳିଥାଏ । ଏଣୁ ଶିକ୍ଷକ କୃତ୍ରିମ ସିନ୍ଥେଟିକ୍ ମାଟି ବଦଳରେ ପ୍ରାକୃତିକ ମାଟିର ବ୍ୟବହାର ନିମନ୍ତେ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ଆବଶ୍ୟକ ।

**ନିଜ ଅଗ୍ରଗତି ଆକଳନ - ୪**

୧. କାଳି ହେଉଛି ------ ଦ୍ରବଣ ।

୨. ପ୍ରତ୍ୟେକ କଲମର ଏକ ନିର୍ଦ୍ଦିଷ୍ଟ ପ୍ରକାରର ------ ରହିଛି ।

୩. --------- ହେଉଛି ରଙ୍ଗୋଲି ସାମଗ୍ରୀ

୪. ମାଟି --------------ବୃଦ୍ଧିରେ ସହାୟକ ହୁଏ ।

୫. ------------- ଏବଂ -----------------ହେଉଛି ଦୁଇଟି ମାଟି ପ୍ରତିକୃତି ନିର୍ମାଣର ପଦ୍ଧତି । (ଚାପ ଦେବା, ଗୁଡେଇବା, ଚିମୁଟିବା)

**୨.୨.୭: ମିଶ୍ରିତ ସାମଗ୍ରୀ**

ବିଭିନ୍ନ ପ୍ରକାରର କଳାକୃତି ଯଥା - କୋଲାଜ୍, ରଙ୍ଗୋଲି, ଶ୍ରେଣୀ ସାଜସଜ୍ଜା,ଷ୍ଟେଜ୍ ପ୍ରସ୍ତୁତି ସାମଗ୍ରୀ କିମ୍ବା ଭୂଦୃଶ୍ୟ ପ୍ରସ୍ତୁତି ନିମନ୍ତେ ସାମଗ୍ରୀ / ମିଶ୍ରିତ ସାମଗ୍ରୀଗୁଡ଼ିକ ସୁଲଭ ମୂଲ୍ୟରେ ମିଳିବା ଉଚିତ୍ । ତତ୍ ସହିତ ଏଗୁଡ଼ିକ ପରମ୍ପରାଗତ, ଅଣ ପାରମ୍ପରିକ, ବିଷହୀନ ହେବା ଉଚିତ୍ । ଆଦିମ / ପ୍ରାଚୀନ କାଳର ଲୋକମାନେ ପ୍ରକୃତିରୁ ମିଳୁଥିବା ବିଭିନ୍ନ ପଦାର୍ଥ ଯଥା - ବିଭିନ୍ନ ରଙ୍ଗର ଫୁଲ, ପତ୍ର, ଘାସ, ଗଛର ବକ୍‌କଳ, ଖଣିଜ ଦ୍ରବ୍ୟ ଇତ୍ୟାଦିକୁ ବ୍ୟବହାର କରି ଗୁମ୍ଫା ଏବଂ ଶିଳାରେ ବିଭିନ୍ନ ଚିତ୍ରଅଙ୍କନ କରୁଥିବାର ନିଦର୍ଶନ ବର୍ତ୍ତମାନ ସୁଦ୍ଧା ଉପଲବ୍ଧ ହେଉଛି । ସେହି ଭଳି ଆମେ ଖୋଜି କରି ବିଭିନ୍ନ ଅଭିଜ୍ଞତା ହାସଲ କରୁ :

୧. ଗେରୁରୁ ବାଦାମି ରଙ୍ଗ

୨. ଅଙ୍ଗାରରୁ କଳାରଙ୍ଗ

୩. ହଳଦୀରୁ ହଳଦିଆ ରଙ୍ଗ

୪. ପତ୍ର, ଘାସ ଇତ୍ୟାଦିରୁ ସବୁଜରଙ୍ଗ

୫. ବିଭିନ୍ନ ଫୁଲରୁ ଯଥା - ଗୋଲାପରୁ ଲାଲ, ଗେଣ୍ଡୁରୁ ହଳଦିଆ ରଙ୍ଗ, ନୀଳ ଠାରୁ ଗୋଲାପ ଇତ୍ୟାଦି ଉପଲବ୍ଧ

(ଆମେ ବିଭିନ୍ନ ଫୁଲର ରଙ୍ଗକୁ ବ୍ୟବହାର କରି ଚିତ୍ତାକର୍ଷକ ତଥା ଆକର୍ଷଣୀୟ ମଧୁବାଣୀ କଳା ତିଆରି କରିପାରିବା ।)

ପ୍ରାଥମିକ ସ୍ତରରେ କୋଲାଜ ପ୍ରସ୍ତୁତି, ପେଷ୍ଟଲସିଟ୍ ପ୍ରସ୍ତୁତି ଇତ୍ୟାଦି ତିଆରି ନିମନ୍ତେ ଉପରୋକ୍ତ ସାମଗ୍ରୀଗୁଡ଼ିକୁ ବ୍ୟବହାର ନିମନ୍ତେ ପ୍ରୟୋଗ କରାଯାଇପାରେ । ଏପରିକି ଗୁଡ଼ିତିଆରି ନିମନ୍ତେ ପତଳା କାଗଜକୁ ମଧ୍ୟ ବ୍ୟବହାର କରାଯାଇପାରେ ଯାହାକି ବହୁତ କମ୍ ମୂଲ୍ୟରେ ମିଳିଥାଏ । କୋଲାଜ ମଧ ବିଭିନ୍ନ ଛବିଗୁଡ଼ିକୁ କାଟି, ବିଭିନ୍ନ ପ୍ରକାରର ପଥର, ଗୋଡ଼ି, ପତ୍ର, ଶାମୁକା, କପଡା, ଦଉଡି ଏବଂ ଟିସୁ ପେପେରକୁ ବ୍ୟବହାର କରି ତିଆରି କରାଯାଇପାରେ । ଏହି ପ୍ରକାରର କାର୍ଯ୍ୟ ଛାତ୍ରଛାତ୍ରୀଙ୍କର ଶିକ୍ଷଣକୁ ଆନନ୍ଦଦାୟୀ ଓ ଦୀର୍ଘସ୍ଥାୟୀ କରିଥାଏ । ଛାତ୍ରଛାତ୍ରୀ ମାନେ ସ୍ୱତଃସ୍ଫୂର୍ତ୍ତ ଭାବେ ଶିକ୍ଷଣରେ ଅଂଶ ଗ୍ରହଣ କରିବାକୁ ଆଗ୍ରହୀ ହୁଅନ୍ତି । ଏହା ଛାତ୍ରଛାତ୍ରୀମାନଙ୍କର ସୃଜନଶୀଳତା, କଳ୍ପନା ଶକ୍ତି ଇତ୍ୟାଦି ବୃଦ୍ଧି କରିବାରେ ସହାୟକ ହୋଇଥାଏ ।

ସ୍ୱଳ୍ପ ମୂଲ୍ୟରେ ଉପଲବ୍ଧ ସାମଗ୍ରୀଗୁଡ଼ିକ ତତକ୍ଷଣାତ ମିଳିଥାଏ । ଯଥା -

**(କ)କାଗଜ** କେଟ୍ରିଜ୍ ସିଟ୍, ପେଷ୍ଟଲ, କ୍ରେପ୍ ପେପର, ଗୁଡ଼ି ପ୍ରସ୍ତୁତ କାଗଜ, ମସୃଣ କାଗଜ, ମାଗାଜିନ୍ ପେପର୍, ଟିସୁ କାଗଜ, ପେକିଂ କାଗଜ ଇତ୍ୟାଦି ।

(ଖ) ରଂଗ - ପେନ୍‌ସିଲ୍ ରଂଗ, ମହମ, କ୍ରେୟନ୍, ଶୁଷ୍କ ପେଷ୍ଟଲ, ଜଳରଙ୍ଗ, ପୋଷ୍ଟର, ରଂଗ, ପ୍ରାକୃତିକ ଏବଂ ଡ଼ାଇ ରଂଗ, ମିନେରାଲ୍ ରଙ୍ଗ ଇତ୍ୟାଦି ।

(ଗ) ବ୍ରସ୍ - ଗୋଲାକାର, ଘୁଷୁରୀ ବାଳରୁ ପ୍ରସ୍ତୁତ ବ୍ରସ୍, ଚେପଟା, ଜନ୍ତୁରକେଶ Sable hair

(ଘ) ପେନ୍‌ସିଲ୍ - 2HB, 2 B, 4B, 6B, 8B, HH, କୋଇଲା (Charcoal)

(ଙ) ଅଠା - ପେଭିକଲ୍ , ଫେଭିଷ୍ଟିକ୍, ଫେଭିବଣ୍ଡ, ଗ୍ଲୁ ଇତ୍ୟାଦି ।

### ୨.୨.୮. ହସ୍ତକାରିଗରୀ ସାମଗ୍ରୀ / କ୍ରାଫ୍ଟ ସାମଗ୍ରୀ

ଆମ ଘରର ଚାରିକାନ୍ଥ ମଧ୍ୟରେ ବିଭିନ୍ନ ପ୍ରକାରର ପ୍ରଚୁର ସାମଗ୍ରୀ ଉପଲବ୍ଧ ହୁଏ ଯାହାକି ବ୍ୟବହାର ଅନୁପଯୋଗୀ ହୋଇଥାଏ । ଏହି ଅଳିଆଗଦା ଅଦରକାରୀ ଜିନିଷ ମଧ୍ୟରୁ ଆମେ ବିଭିନ୍ନ କ୍ରାଫ୍ଟ ତିଆରି ସାମଗ୍ରୀଗୁଡ଼ିକୁ ଖୋଜି ବାହାର କରି ସଂଗ୍ରହ କରିପାରିବା ଓ ଯାହାକୁ ବ୍ୟବହାର କରି ଆକର୍ଷଣୀୟ କ୍ରାଫ୍ଟ ପ୍ରସ୍ତୁତ କରାଯାଇପାରିବା । ବର୍ଜ୍ୟବସ୍ତୁକୁ ପୁନଃ ବ୍ୟବହାର କରିବା କିମ୍ବା ଅଦରକାରୀ ବସ୍ତୁକୁ ବ୍ୟବହାରକରି ନୂତନ ବସ୍ତୁ ପ୍ରସ୍ତୁତି କରିବା ଏକ ଅଲଗା ଓ ନିଆରା ଅନୁଭୂତି । ଏହି କ୍ରାଫ୍ଟ ପ୍ରସ୍ତୁତି ନିମନ୍ତେ କଳ୍ପନାଶକ୍ତି, ସୃଜନଶୀଳତା, ଦକ୍ଷତା ଓ କୌଶଳର ଆବଶ୍ୟକ ହୁଏ, ଯାହାକି ଶିଶୁକୁ ନୂତନ ଅଭିଜ୍ଞତା ଆହରଣରେ ସହାୟକ ହୁଏ । ଏ ପ୍ରକାରର ଅଭିଜ୍ଞତା ଶିଶୁର ମନରେ ସ୍ମରଣୀୟ ହୋଇରହେ । ଏ ପ୍ରକାରର କ୍ରାଫ୍ଟ ପ୍ରସ୍ତୁତି ନିମନ୍ତେ ଆବଶ୍ୟକୀୟ ସାମଗ୍ରୀ ସ୍ୱଳ୍ପ ମୂଲ୍ୟରେ ଓ ସହଜରେ ଉପଲବ୍ଧ ହେଉଥିବାରୁ ଏଥି ନିମନ୍ତେ ଅଧିକ ଅର୍ଥ ଖର୍ଚ୍ଚ କରିବାକୁ ହୋଇନଥାଏ । ଏ ପ୍ରକାରର ଆବିଷ୍କାର ଅପ୍ରତ୍ୟାଶିତ ଓ ଆକର୍ଷଣୀୟ ଫଳାଫଳ ଆଣିଥାଏ ।

ଉପଲବ୍ଧ କ୍ରାଫ୍ଟ ସାମଗ୍ରୀଗୁଡ଼ିକ ନିମ୍ନ ପ୍ରକାରର ହୋଇପାରେ -

(କ) ପ୍ଲାଷ୍ଟିକ୍ ଜାର୍ ଏବଂ ବୋତଲ

(ଖ) ଖାଲି ଧାତବ ବୋତଲ

(ଗ) ଶୁଖିଲା କାର୍ଡ଼ବୋର୍ଡ ବାକ୍ସ ଏବଂ କାର୍ଟୁନ୍

(ଘ) ପୁରୁଣା ଦାନ୍ତଘଷା ବ୍ରଶ୍

(ଙ) ବିଭିନ୍ନ ପୁରୁଣା ବୋତଲର ଠିପି

(୬) ମାଗାଜିନ୍ ଏବଂ ଖବର କାଗଜ

(୭) ପୁରୁଣା ଓ ଛିଣ୍ଡା କପଡ଼ା

(୮)ଷ୍ଟ୍ରିଙ୍ଗ୍, ସୂତା, ମାଳି, ଗୋଲ୍‌ଡେନ୍ ଫିତା, ବିନ୍ଦି, ତୁଳା, ସୂତୁଲି ଇତ୍ୟାଦି ।

(୯) ଚୁଡ଼ି, ଟାଇଲ୍, ସୁଇଚ୍

(୧୦)ଷ୍ଟ୍ର, ପାଇପ୍, ଆଇସ୍ କ୍ରିମ୍ ଟବ୍ ଏବଂ ଚାମଚ

(୧୧) ବଲ୍‌ବ, ଟ୍ୟୁବ୍‌ଲାଇଟ୍, (ତାର) ୱାଇର୍ ଇତ୍ୟାଦି ।

(୧୨) ନଡ଼ିଆ ଖୋଳପା, ପିସ୍ତା ବାଦାମ ଖୋଳପା, ଅଖରୋଟ୍ ଖୋଳପା ଇତ୍ୟାଦି ।

ବର୍ଜ୍ୟବସ୍ତୁରୁ କିପରି ଦ୍ରବ୍ୟ ପ୍ରସ୍ତୁତ କରିବା ?



ଟିପ୍ପଣୀ

ଟିପ୍ପଣୀ

(୧) ବିଭିନ୍ନ ପ୍ରକାରର ଆକର୍ଷଣୀୟ ବର୍ଜ୍ୟବସ୍ତୁକୁ ପରିବେଶରୁ ସଂଗ୍ରହ କର ।

(୨) ସଂଗ୍ରହ କରାଯାଇଥିବା ବସ୍ତୁକୁ ନେଇ ପ୍ରସ୍ତୁତ କରବା ବସ୍ତୁ ଉପରେ ଏକ ଧାରଣା ଗଠନ କରିବା ।

(୩) ତୁମ ଧାରଣାକୁ ରୂପ ଦେବାପାଇଁ ଆବଶ୍ୟକୀୟ ସାଧନୀ ସଂଗ୍ରହ କର ଯଥା ଫେଭିକଲ, କଇଂଚି, କଟର, ସେଲୋଟେପ୍,ଗ୍ରେପଲର ଇତ୍ୟାଦି ।

(୪) ଏବେ ସମୟ ତୁମ ପରିକଳ୍ପନାକୁ ସଫଳ କରିବା

(ତୁମେ କେବେ ଚଣ୍ଡିଗଡ଼ରେ ନେକ୍ ଚାନ୍ଦ୍ ଦ୍ୱାରା ପ୍ରସ୍ତୁତ ରକ୍ ଗାଡେନ୍‌କୁ ବୁଲିଯାଇଛ ? ଏହା ଏକ ବର୍ଜ୍ୟବସ୍ତୁକୁ ବ୍ୟବହାର କରି ପ୍ରସ୍ତୁତ କରାଯାଇଥିବା ଆକର୍ଷଣୀୟ ଉଦାହରଣ ଯାହାକି ବର୍ଜ୍ୟ ବସ୍ତୁ / ଅଦରକାରୀ ବସ୍ତୁକୁ ବ୍ୟବହାର କରି ନୂତନ ପ୍ରସ୍ତୁତି ନିମନ୍ତେ ଦିଗ୍‌ଦର୍ଶନ ଦେବ ।)

ପ୍ରକୃତି ହେଉଛି ବିଭିନ୍ନ ବସ୍ତୁ ବା ସାମଗ୍ରୀର ଗନ୍ତାଘର । ଆମେ ବିଭିନ୍ନ ସାମଗ୍ରୀ ଯଥା - ଶାମୁକା, ଗଛର ବକ୍‌କଳ, ଡାଳ, ପତ୍ର, ଗୋଡ଼ି, ମାଳି, ପକ୍ଷୀର ପର, ମଞ୍ଜି, ବାଲି ଇତ୍ୟାଦିକୁ ବ୍ୟବହାର କରି ବିଭିନ୍ନ ପ୍ରକାର ଆକର୍ଷଣୀୟ ବସ୍ତୁ କଳାକୃତି ପ୍ରସ୍ତୁତ କରିପାରିବା । ଏଥି ନିମନ୍ତେ କୌଣସି ତାଲିମ ପ୍ରଶିକ୍ଷଣର ଆବଶ୍ୟକତା ନାହିଁ ।

ଆବଶ୍ୟକ ସ୍ଥଳେ ଶିକ୍ଷକ ଛାତ୍ରଛାତ୍ରୀମାନଙ୍କୁ ଉଚିତ୍ ପରାମର୍ଶ ଏବଂ ସହାୟତା ଯୋଗାଇଦେଇ ସେମାନଙ୍କର ଦକ୍ଷତାର ଅଭିବୃଦ୍ଧି କରାଇପାରିବେ ।

ଉ:ସ୍ୱରୂପ; ପିଲାମାନେ ପୁରୁଣା ମୋଜା କିମ୍ବା ପୁରୁଣା ଖେଳଣାକୁ ବ୍ୟବହାର କରି କଣ୍ଢେଇ, ପୁତ୍ତଳିକା ପ୍ରସ୍ତୁତ କରିପାରିବେ । ସେମାନେ ପୁରୁଣା କଣ୍ଢେଇରେ କାଠି ଲଗାଇ କାଠିର ପୁତ୍ତଳିକା ପ୍ରସ୍ତୁତ କରିପାରିବେ । ପୁରୁଣା କାର୍ଟୁନ୍, ବାକ୍ସ, ଖାଲି ବୋତଲ ଇତ୍ୟାଦକୁ ବ୍ୟବହାର କରି ଫୁଲଦାନୀ ପ୍ରସ୍ତୁତ କରାଯାଇପାରିବ । ଏହାକୁ ସଜ୍ଜିତ କରିବା ନିମନ୍ତେ ସହଜରେ ଉପଲବ୍ଧ ସାମଗ୍ରୀ ଯଥା - ବଟନ୍ (ବୋତାମ) ସୂତା, ଦିଆସିଲି କାଠି, ଡାଙ୍କୁଣି, ମାଳି, ଆଖିରୋଟ୍ ଖୋଳପା, ଚକଚକିଆ ପଦାର୍ଥ ଇତ୍ୟାଦକୁ ବ୍ୟବହାର କରାଯାଇପାରିବ । ଏହାକୁ ସାଇତି ରଖିବା ପାଇଁ ଶ୍ରେଣୀକକ୍ଷରେ କୋଣ କାନ୍ଥ ରହିବା ଉଚିତ୍ ଯାହାକୁ ସେମାନେ ଦରକାରବେଳେ କାର୍ଯ୍ୟରେ ଲଗାଇପାରିବେ । ଆବିଷ୍କାର ଓ ପରୀକ୍ଷଣର ଏହି ପ୍ରକ୍ରିୟା ମାଧ୍ୟମରେ ସେ ବିଭିନ୍ନ କଳା ସାମଗ୍ରୀ ସହିତ ସଂପର୍କରେ ଆସିବା ଆରମ୍ଭ କରେ ଓ କଳା କାର୍ଯ୍ୟ ମଧ୍ୟ ଆରମ୍ଭ କରେ ।

**ନିଜ ଅଗ୍ରଗତି ଆକଳନ - ୫**

୧. ମିଶ୍ରିତ ସାମଗ୍ରୀ --------- ଠାରୁ ମିଳିପାରିବ ।

୨. କ୍ରାଫ୍ଟ ସାମଗ୍ରୀଗୁଡ଼ିକୁ ବଜାରରୁ ଆଣିବା ଆବଶ୍ୟକ କି ? (ହଁ / ନା)

୩. ନିମ୍ନଲିଖିତ ରଂଗ କେଉଁଥିରୁ ଆସିଛି ------

(କ) ----------ରଂଗ ଗେରୁରୁ ଆସିଛି ।

(ଖ) --------ରଂଗ କୋଇଲାରୁ ଆସିଛି ।

(ଗ) ----------ରଂଗ ହଳଦୀରୁ ସୃଷ୍ଟି ଆସିଛି.

(ଘ) ----------ରଂଗ ପତ୍ର, ଘାସ, ପୋଇପତ୍ରରୁ ସୃଷ୍ଟି ଆସିଛି ।

(ଙ) ----------ରଂଗ ଲାପିସ୍ ଲାଜୁଲି ଏବଂ ନୀଳରୁ ସୃଷ୍ଟି ।

**୨.୩.: ଦୃଶ୍ୟକଳା ଏବଂ ହସ୍ତ କାରିଗରୀର ବିଭିନ୍ନ ପଦ୍ଧତି ସହ ପରୀକ୍ଷଣ ଏବଂ ଅନ୍ୱେଷଣ**

**୨.୩.୧: ଅଙ୍କନ ଓ ଚିତ୍ରାଙ୍କନ**

ଚିତ୍ରାଙ୍କନ ହେଉଛି ଦୃଶ୍ୟକଳାର ଅଭିବ୍ୟକ୍ତି ଏବଂ ଏକ ଗୁରୁତ୍ୱପୂର୍ଣ୍ଣ ରୂପ ଯାହା ଦୃଶ୍ୟକଳାକୁ ପ୍ରଦର୍ଶିତ କରିଥାଏ ।

ଚିତ୍ରାଙ୍କନର ଉଦ୍ଦେଶ୍ୟ ହେଉଛି ବିଭିନ୍ନ ଗାର ଓ ଆକୃତି ମାଧ୍ୟମରେ ଦୃଶ୍ୟ ହେଉଥିବା ଦ୍ୱିମାତ୍ରିକ ଚିତ୍ର ଅଙ୍କନ କରିବା ।

କେହି ଜାଣନ୍ତି ନାହିଁ ଯେ ପ୍ରକୃତରେ ଚିତ୍ରାଙ୍କନ କେବେ ଆରମ୍ଭ ହୋଇଥିଲା । କିନ୍ତୁ ପ୍ରାକ୍-ଐତିହାସିକ ଯୁଗରୁ ଲୋକମାନେ ଶିଳା ଓ ଗୁମ୍ଫାରେ ବିଭିନ୍ନ ଚିତ୍ରାଙ୍କନ କରୁଥିଲେ ।

ଯେତେବେଳେ ଚତୁର୍ଦ୍ଦଶ ଶତାବ୍ଦୀଠାରୁ କାଗଜର ଉପଲବ୍ଧ ହେଲା, ସେତେବେଳେଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଚିତ୍ରାଙ୍କନ ଏହି କାଗଜରେ ଅଙ୍କନ କରାଯାଉଛି । ।

ଚିତ୍ରକଳା ଓ ଚିତ୍ରାଙ୍କନ ମନର ଭାବନା ଓ ଆବେଗକୁ ପରିପ୍ରକାଶ କରିବାରେ ସହାୟତା ପ୍ରଦାନ କରିଥାଏ ଏବଂ ଏହି କଳା ଛାତ୍ରଛାତ୍ରୀ ମାନଙ୍କର ଅକୁହା ଭାବନା ଓ ଆବେଗ ଯାହା ଲିଖନ ଓ କଥନ ମାଧ୍ୟମରେ ପରିପ୍ରକାଶ ହୋଇନଥାଏ, ତାହା ଏହି କଳା ମାଧ୍ୟମରେ ହୋଇଥାଏ । ଏହି କଳା ପିଲାମାନଙ୍କର ଧାରଣା ଓ କଳ୍ପନାକୁ କାଗଜରେ ପ୍ରକାଶ କରିବା ପାଇଁ ସୁଯୋଗ ପ୍ରଦାନ କରିଥାଏ । ଉ.ସ୍ୱ. - ଛୋଟଛୋଟ ପିଲାମାନେ ଯେଉଁମାନେ ଆଇସ୍‌କ୍ରିମ୍‌କୁ ପସନ୍ଦ କରିଥାନ୍ତି । ସେମାନେ ଏହାର ଚିତ୍ରକୁ କାଗଜ ଉପରେ ଅଙ୍କନ କରିଥା'ନ୍ତି ଏବଂ ସେମାନେ ମଧ୍ୟ ବେଲୁନ୍, ଘର, ପିତାମାତା, ବିଦ୍ୟାଳୟ, ଫୁଲ, କାରର ଚିତ୍ର ମଧ୍ୟ ଅଙ୍କନ କରିବାକୁ ବହୁତ ପସନ୍ଦ କରିଥାନ୍ତି ଏବଂ ଯେଉଁ ମାନଙ୍କୁ ବା ଯେଉଁ ଜିନିଷକୁ ସେମାନେ ଭଲପାନ୍ତି ସେସବୁର ଚିତ୍ର ଅଙ୍କନ କରିବାକୁ ସେମାନେ ଅଧିକ ପସନ୍ଦ କରନ୍ତି । ବେଳେବେଳେ ସେମାନେ ମଧ୍ୟ ଛବିରୁ ଗପକୁ ବର୍ଣ୍ଣନା କରିବାକୁ ପସନ୍ଦ କରିଥାନ୍ତି ।

**ଚିତ୍ରାଙ୍କନ :**

**ଚିତ୍ରାଙ୍କନ ପାଇଁ ଯେଉଁ ସାଧାରଣ ସାଧନୀଗୁଡ଼ିକ ବ୍ୟବହାର କରାଯାଇପାରିବ ସେଗୁଡିକ ନିମ୍ନ ପ୍ରକାରର-**

| | |
|---|---|
| ଚକ୍ | ପେଷ୍ଟଲ |
| ଚାରକୋଲ୍ | ମାର୍କର |
| ଗ୍ରାଫାଇଟ୍ | କଲମ ଓ କାଳି |
| କ୍ରେୟନ | ପେନ୍‌ସିଲ୍ |
| Conte | କାଳିବ୍ରସ୍ |

ଏଗୁଡିକ କୋଟିଏ ବିନ୍ଦୁ ସହ କାଠି ଆକାରର ଯାହା ମାଧ୍ୟମର କଣିକାଗୁଡିକୁ ପୃଷ୍ଠ ଭାଗକୁ ହସ୍ତାନ୍ତର କରିଥାଏ । ଅଧିକାଂଶ ଏହି ଛବି / ଚିତ୍ରାଙ୍କନର ମାଧ୍ୟମ ଗୁଡ଼ିକ ଶୁଷ୍କ (ଯଥା - ଗ୍ରାଫାଇଟ୍, କାରକୋଲ, ପେଷ୍ଟଲ, conte ଇତ୍ୟାଦି) ହୋଇଥିବା ବେଳେ କେତେକ ତରଳ (ଯଥା - ମାର୍କର, କଲମ ଓ କାଳି) ରୂପରେ ଉପଲବ୍ଧ ହୋଇଥାଏ । ଚିତ୍ରାଙ୍କନ ପାଇଁ ଆଧାର / ପୃଷ୍ଠଭାଗଗୁଡ଼ିକ ନିମ୍ନୋକ୍ତ ଭାବେ ହୋଇପାରିବ -

କାଗଜ

କାନ୍‌ଭାସ୍

ଧାତୁ

କାଠ

ପ୍ଲାଷ୍ଟର

କାନ୍ଥ (ପ୍ରାଚୀର ସଦୃଶ)

ପେଣ୍ଟିଂ(Painting) ଚିତ୍ରଙ୍କନ / ରଙ୍ଗଦେବା

ଚିତ୍ରାଙ୍କନ ହେଉଛି ପୃଷ୍ଠଭାଗ / ସମତଳ ଉପରେ ରଙ୍ଗର ଉପାଦାନକୁ ଚିତ୍ର କରିବା ପଦ୍ଧତି । ରଙ୍ଗର ଉପାଦାନଗୁଡିକ ରଙ୍ଗ, ରଂଗ ତୂଳୀ ଓ କ୍ରୟନ କିମ୍ବା ଅନ୍ୟ କୌଣସି ସାମଗ୍ରୀ ହୋଇପାରିବ ଯାହା ହାତରେ / ଆଙ୍ଗୁଳିରେ, ଛୁରୀ,

ଲୁହା ଖଡିକା ଇତ୍ୟାଦି ଦ୍ୱାରା ଅଙ୍କନ କରାଯାଇପାରେ ।

**ରଙ୍ଗ ଦେବାରେ ବ୍ୟବହାର ହେଉଥିବା ବିଭିନ୍ନ ପ୍ରକାର ରଙ୍ଗ:**

**(୧) ପ୍ରତ୍ୟକ୍ଷ ରଙ୍ଗ -** ଶୁଷ୍କ ପେଷ୍ଟଲ, କ୍ରେୟନ୍, ରଙ୍ଗ ପେନ୍‌ସିଲ୍ ଇତ୍ୟାଦି ଏହି ଶ୍ରେଣୀର ଅନ୍ତର୍ଭୁକ୍ତ ଅଟେ । ଏଗୁଡ଼ିକୁ ସହଜରେ ସାଧାରଣତଃ ଛୋଟଛୋଟ ପିଲାମାନେ ପ୍ରାଥମିକ ସ୍ତରରେ ରଙ୍ଗର ପରିଚୟ ନିମନ୍ତେ ଓ ଚିତ୍ର ଅଙ୍କନ ନିମନ୍ତେ ବ୍ୟବହାର କରିବା ଉଚିତ୍ ।

(୨) ତୈଳ ରଙ୍ଗ - ଏଗୁଡ଼ିକ ସାଧାରଣତଃ ଟ୍ୟୁବ୍ / ନଳୀରେ ଉପଲବ୍ଧ ହୁଏ । ଏଗୁଡ଼ିକୁ ରଂଗ କରିବା ନିମନ୍ତେ ତାରପିନ୍ ତେଲ ସହ ମିଶାଇ ବ୍ୟବହାର କରାଯାଏ । ଏହି ରଂଗରେ ସାଧାରଣତଃ କନ୍‌ଭାସ୍ କିମ୍ବା ଓ ବୋର୍ଡ୍ ଉପରେ ଚିତ୍ର ଅଙ୍କନ କରାଯାଏ । ଏହି ରଂଗକୁ ସାଧାରଣତଃ ବଡ଼ବଡ଼ ପିଲାମାନେ ବ୍ୟବହାର କରନ୍ତି । ଏଗୁଡ଼ିକର ବ୍ୟବହାର ନିମନ୍ତେ ଅନେକଗୁଡ଼ିଏ ଉପକରଣ ସାଧନୀର ଆବଶ୍ୟକ ହୋଇଥାଏ ।

**(୩) ଜଳରଙ୍ଗ/ପୋଷ୍ଟର ରଙ୍ଗ -** ଜଳ ଛବି ତୈଳ ଛବିଠାରୁ ସର୍ବ ପୁରାତାନ ଅଟେ । ସାଧାରଣତଃ ଏହାର ଏକମାତ୍ର ମାଧ୍ୟମ ହେଉଛି ଜଳ । ଜଳରଙ୍ଗ ଗୁଡ଼ିକ ସାଧାରଣତଃ ସ୍ୱଚ୍ଛ ଓ ପରିଷ୍କାର ଅଟେ । ତେଣୁ ଏହାକୁ ସହଜରେ ରଙ୍ଗାୟିତ କରାଯାଇପାରେ । ଜଳରଙ୍ଗରେ ଚିତ୍ର ଅଙ୍କନ ବ୍ୟକ୍ତିକୁ ପ୍ରଚୁର ସୁଯୋଗ ପ୍ରଦାନ କରିଥାଏ ବିଭିନ୍ନ ଚିତ୍ର ଅଙ୍କନ କରିବାରେ । ଏଥିନିମନ୍ତେ ରଙ୍ଗ ପେନ୍‌ସିଲ୍, ପେଷ୍ଟଲ, ରଙ୍ଗ, କଲମ ଏବଂ କାଳି ଇତ୍ୟାଦି ଯାହା ଜଳଦ୍ୱାରା ସୁସଙ୍ଗତ ଭାବେ ସହଜରେ ସମ୍ପାଦିତ ହୋଇଥାଏ ।

### ୨.୩.୨ : ବ୍ଲକ୍ ପେଣ୍ଟିଂ

ମୁଦ୍ରଣ ହେଉଛି ଏକ ଚିତ୍ତାକର୍ଷକ ପଦ୍ଧତି ଯାହାଦ୍ୱାରା ଛାପ / ଚିହ୍ନ ସୃଷ୍ଟି ହୁଏ । ଏହା ଷ୍ଟାମ୍ପ କାଳିରେ ବୃଦ୍ଧ ଆଙ୍ଗୁଠିରେ ଛାପ ବା ଟିପ ଚିହ୍ନ ସଦୃଶ ହୋଇଥାଏ ।

**VEG Print :** ବିଭିନ୍ନ ପରିବା ଯଥା - ଆଳୁ, କୋବି, ପିଆଜ, କ୍ୟାପ୍‌ସିକମ୍ ଇତ୍ୟାଦିକୁ କାଟି ରଂଗରେ ବୁଡାଇ କାଗଜ ଉପରେ ଛାପ ଦିଆଯାଇ କିମ୍ବା ଏହାର ଚିତ୍ର ଅଙ୍କନ କରି ରଂଗରେ ବୁଡାଇ ଚିତ୍ର ଅଙ୍କନ କରାଯାଏ । ଏହି ମୁଦ୍ରଣକୁ ଶିକ୍ଷାକେନ୍ଦ୍ରରେ କିମ୍ବା କୌତୁକ ବା ଖେଳରେ ବ୍ୟବହାର କରାଯାଇପାରେ ।

**ପ୍ରକୃତି ଚିତ୍ର :** ପ୍ରକୃତି ଦତ୍ତ ବସ୍ତୁ ଯଥା - ପତ୍ର, ଶିଉଳି, ପକ୍ଷୀର ପର, ଗଛର ଡାଳ କିମ୍ବା କାଠକୁ ନେଇ ପ୍ରିଣ୍ଟିଂ ପ୍ରସ୍ତୁତ କରାଇପାରେ ।

ହାତ / ଆଙ୍ଗୁଳି / ବୃଦ୍ଧ ଆଙ୍ଗୁଠି ଛାପ :- ପିଲାମାନେ ନିଜର ଆଙ୍ଗୁଠି, ବୁଢା ଆଙ୍ଗୁଠି ଏବଂ ଏପରିକି ହାତର ଚିହ୍ନକୁ ରଙ୍ଗକରି ଚିହ୍ନ / ଛାପ ଦେବାକୁ ଭଲ ପାଆନ୍ତି । ହାତ ଓ ଆଙ୍ଗୁଳିକୁ ବହଳିଆ ରଙ୍ଗରେ ବୁଡ଼ାଇ କାଗଜରେ ଚାପି ଚିହ୍ନ ଛାପମାନ ଦେଇଥାନ୍ତି । ଏହି ବିଭିନ୍ନ ଛାପଗୁଡିକ ପଶୁପକ୍ଷୀ, ଫଳ, ପନିପରିବା ଓ ମୁଖା ଇତ୍ୟାଦି ପାଇଁ ବ୍ୟବହାର କରିହେବ ।

**ସୂଚନା**

୧. ମୋଟାଳିଆ ଛବି ଏପରିକି ମୁହଁ ବା ବୈଶିଷ୍ଟ୍ୟଗୁଡିକୁ ସୃଷ୍ଟି କରିବାରେ ବୁଢା ଆଙ୍ଗଳି ଟିପ ବ୍ୟବହାର କରି ହେବ ।

୨. ହାତ / ଗୋଡ ବା ତିଆରି ପାଇଁ ଆଙ୍ଗୁଳି ସବୁ ବ୍ୟବହାର କରିହେବ ।

୩. ପ୍ରଜାପତି କିମ୍ବା ମୟୂରର ଚିତ୍ର ପାଇଁ ହାତଗୁଡିକୁ ବ୍ୟବହାର କରି ହେବ ।

### ୨.୩.୩: କୋଲାଜ

'କୋଲାଜ' ହେଉଛି ଏକ ଫ୍ରେଞ୍ଚ୍ ଶବ୍ଦ ଯାହାର ଅର୍ଥ ହେଉଛି ଅଠାଲଗାଇ ଚିତ୍ର ପ୍ରସ୍ତୁତ କରିବା । କଳା ଦୃଷ୍ଟିରୁ ଏହା ସାଧାରଣତଃ ବିଭିନ୍ନ କାଗଜରେ, କପଡ଼ାରେ କିମ୍ବା ଅନ୍ୟାନ୍ୟ ସାମଗ୍ରୀକୁ ସଜାଇ କଳାକୃତି ଦେଇ ଅଠା ଲଗାଇ ପ୍ରସ୍ତୁତ କରିବାକୁ ବୁଝାଏ ।



ଟିପ୍ପଣୀ

ଏହି କଳାକୃତିରେ ବିଭିନ୍ନ ସାମଗ୍ରୀକୁ ବ୍ୟବହାର କରି କଳାତ୍ମକ ସୌନ୍ଦର୍ଯ୍ୟ ପ୍ରସ୍ତୁତ କରାଯାଏ । ଫୁଲଦାନୀ ପ୍ରସ୍ତୁତ ପାଇଁ କାଗଜ, ବୋର୍ଡ୍, ପ୍ଲାଇ କିମ୍ବା କାନ୍‌ଭାସ୍‌କୁ ବ୍ୟବହାର କରାଯାଇପାରେ । ବିଭିନ୍ନ ପ୍ରକାରର ସାମଗ୍ରୀ ଯଥା - ବିଭିନ୍ନ ପ୍ରକାରର କାଗଜ, ମାଗାଜିନ୍, ନ୍ୟୁଜ୍ ପେପର, ରଙ୍ଗୀନ କାଗଜ, ପୁରୁଣା ଫେବ୍ରିକ୍ସ ବୋତାମ, ସୂତା ବାକ. ଫଏଲ୍, ପକ୍ଷୀର ପର, ଶାମୁକା, ବାଲି, ପତ୍ର, ଟୁଇଗ୍, ଶୁଖିଲା ଫୁଲ ଇତ୍ୟାଦିକୁ କୋଲାଜ ପ୍ରସ୍ତୁତ ନିମନ୍ତେ ପିଲାମାନଙ୍କୁ ଦିଆଯାଇ ବିଭିନ୍ନ ସୃଜନାତ୍ମକ କୋଲାଜ ପ୍ରସ୍ତୁ କରାଯାଇପାରିବ ।

ବିଭିନ୍ନ ପ୍ରକାରର ପ୍ରସଙ୍ଗ ଯଥା - ପ୍ରଦୂଷଣ, ସ୍ୱଚ୍ଛନଗରୀ, ଜଙ୍ଗଲକ୍ଷୟ  ଏପରିକି କୌତୁକିଆ ଜିନିଷ ଯଥା - ଗୁଡ଼ି ତିଆରି, 'ମୋଘର' ଇତ୍ୟାଦି ପ୍ରସ୍ତୁତ କରିପାରିବା ।

**କୋଲାଜର ଗୁରୁତ୍ୱ -**

(୧) ଏହା ପିଲାମାନଙ୍କର ସୂକ୍ଷ୍ମ ମାଂସପେଶୀୟ କୌଶଳର ବିକାଶ କରିବାରେ ସାହାଯ୍ୟ କରେ । ଯଥା - କାଗଜ ଚିରିବା, ଅଠା ଲଗାଇବା ଇତ୍ୟାଦି ।

(୨) ପିଲାମାନଙ୍କର ସୃଜନାତ୍ମକ କୌଶଳର ଅଭିବୃଦ୍ଧି ଏହି କାର୍ଯ୍ୟ ଦ୍ୱାରା ଘଟିଥାଏ  ।

(୩) କୋଲାଜ ପ୍ରସ୍ତୁତ ବେଳେ ଦଳଗତ କାର୍ଯ୍ୟର ଅଭିବୃଦ୍ଧି ଘଟିପାରିବ ।

(୪) ଯେଉଁ ପିଲାମାନେ ଦକ୍ଷତାର ସହିତ ସୁନ୍ଦର ଚିତ୍ର ଅଙ୍କନ କରିନପାରି ହତୋତ୍ସାହିତ ହୁଅନ୍ତି, ସେମାନେ କୋଲାଜ ପ୍ରସ୍ତୁତ କରି ବିଭିନ୍ନ ଚିତ୍ର ଅଙ୍କନ କରିବା ନିମନ୍ତେ ଆଗ୍ରହୀ ହୁଅନ୍ତି ।

**ସୂଚନା**

୧. ପ୍ରଦୂଷଣକୁ ଦେଖାଇବା ପାଇଁ ପିଲାମାନେ ଦିଆସିଲି ବାକ୍ସକୁ ରାସ୍ତାରେ ଯାନବାହନ ଧୂଆଁ ଛାଡୁ ଥିବା ଭଳି ବ୍ୟବହାର କରିପାରିବେ ।

୨. ଜଙ୍ଗଲ ଦେଖାଇବା ନିମନ୍ତେ ଗଛର ଚିତ୍ର କରି ସେଥିରେ ବିଭିନ୍ନ ଘାସ ଓ ପତ୍ର ବହୁଳ ଅଙ୍ଗକୁ ତିଆରି କରିବେ ।

୩. ସ୍ୱଚ୍ଛତା ପ୍ରଦର୍ଶନ ନିମନ୍ତେ ପିଲାମାନେ ବିଦ୍ୟାଳୟରେ ଚକୋଲେଟ୍, ଚିପ୍ସ, କାଗଜ ଇତ୍ୟାଦିକୁ ଡଷ୍ଟବିନ୍‌ରେ ପକାଇ ପାରିବେ ।

ମିଶ୍ରିତ ସାମଗ୍ରୀକୁ ଅଠାଲଗାଇ କୋଲାଜ ପ୍ରସ୍ତୁତ କରିବା ପଦ୍ଧତି ପିଲାମାନଙ୍କୁ ନିଜର ପ୍ରକୃତି, ବ୍ୟକ୍ତିଗତ ପରିଷ୍କାର ପରିଚ୍ଛନ୍ନତା, ଅନ୍ୟାନ୍ୟ ସାମାଜିକ ପ୍ରସଙ୍ଗ ଇତ୍ୟାଦି ବିଷୟରେ ସଚେତନତା ସୃଷ୍ଟି କରିପାରିବ । ଯାହା ଦ୍ୱାରା କି ପିଲାମାନେ ଆଗ୍ରହ ସହକାରେ ଏହି ସବୁ କାର୍ଯ୍ୟ କରିପାରିବେ ଓ ନିଜର ସୃଜନୀଶୀଳତାର ଅଭିବୃଦ୍ଧି କରି ପାରିବେ ।

**୨.୩.୪. ମୁଖା ଏବଂ ପୁତ୍ତଳିକା ତିଆରି :-**

କଣ୍ଢେଇ / ପୁତ୍ତଳିକା ହେଉଛି ନିର୍ଜୀବ ବସ୍ତୁ କିମ୍ବା ସଜୀବ ବସ୍ତୁର ପ୍ରତିରୂପ ଯାହାକୁ ଜଣେ ବ୍ୟକ୍ତି ଦର୍ଶକମାନଙ୍କୁ ଆନନ୍ଦ ଦେବା ନିମନ୍ତେ ନିଜ ଇଚ୍ଛା ମୁତାବକ ସେଗୁଡ଼ିକୁ ନଚାଇଥାଏ, ପରିଚାଳିତ କରିଥାଏ, ଯାହାଙ୍କୁ ପୁତ୍ତଳିକା / କଣ୍ଢେଇ ନଚାଳୀ ବୋଲି କୁହାଯାଏ । କଣ୍ଢେଇ ନାଚ ହେଉଛି ଏକ ସର୍ବପ୍ରାଚୀନ ରଙ୍ଗଶାଳା ଯାହାକୁ ପ୍ରାଚୀନ କାଳରେ ଲୋକମାନେ ସାଦରରେ ଗ୍ରହଣ କରୁଥିଲେ । କଣ୍ଢେଇ ପୁତ୍ତଳିକା ବିଭିନ୍ନ ପ୍ରକାରର ହୋଇଥାଏ, ଯାହା ବିଭିନ୍ନ ପ୍ରକାରର ସାମଗ୍ରୀରେ ପ୍ରସ୍ତୁତ ହୋଇଥାଏ ।

ପ୍ରାଥମିକ ସ୍ତରରେ ଛୋଟଛୋଟ ପିଲାମାନେ ମୁଖା ଏବଂ କଣ୍ଢେଇ ଇତ୍ୟାଦି ତିଆରି କରିପାରିବା ନିମନ୍ତେ ଉତ୍ସାହିତ ହେବା ଉଚିତ୍ । ଏହି କଣ୍ଢେଇ ପ୍ରସ୍ତୁତ ନିମନ୍ତେ ସହଜରେ ଉପଲବ୍ଧ ସାମଗ୍ରୀ ଯଥା - ସୂତା, କାଗଜ ଖଣ୍ଡ,ଷ୍ଟ୍ର, କାଗଜ ଥଳୀ, ଖବରକାଗଜ, ବୋତାମ, ଉଲ୍ ସୂତା, ଖଡ଼ିକା, ପୁରୁଣା କପଡା କିମ୍ବା (ସକ୍ସ) ମୋଜା, ତୁଳା ଇତ୍ୟାଦିକୁ ବ୍ୟବହାର କରାଯାଇପାରେ । ପିଲାମାନେ ଅଦରକାରୀ / ବର୍ଜ୍ୟବସ୍ତୁର ସୁପରିଚାଳନା ନିମନ୍ତେ ସେହି ବସ୍ତୁକୁ ପୁନଃ ବ୍ୟବହାର କରିପାରିବେ ଏବଂ ସେହି ବସ୍ତୁକୁ ବ୍ୟବହାର କରି ବିଭିନ୍ନ କଣ୍ଢେଇ ତିଆରି କରିପାରିବେ । ସ୍ଥାନୀୟ

ଟିପ୍ପଣୀ

ଉପଲବ୍ଧ ସାମଗ୍ରୀର ବ୍ୟବହାର ଏବଂ ଦାମିକା ଓ କୃତ୍ରିମ ସାମଗ୍ରୀର ବ୍ୟବହାରକୁ ଦୂରେଇବାକୁ ସେମାନଙ୍କ ଅଭିପ୍ରେରିତ କରିବାକୁ ହେବ । ପିଲାମାନେ ଅଧିକ ପର୍ଯ୍ୟବେକ୍ଷଣ କରନ୍ତି ଓ ନୂଆ ଜିନିଷକୁ ଅନୁସନ୍ଧାନ କରନ୍ତି ।

କେତେକ ସାଧାରଣ କୌଶଳ ହେଲା :

୧- ଆଙ୍ଗୁଳି କଣ୍ଢେଇ - ଏହା ହେଉଛି ଏକ ସହଜ ଓ ସରଳ ପ୍ରକ୍ରିୟା । ଏଥିରେ କୌଣସି ପ୍ରକାରର ବିଶେଷ ଉପଚାରର ଆବଶ୍ୟକତା ନଥାଏ । ଏଥିରେ କେବଳ ଆଙ୍ଗୁଳିକୁ ଏକ ଛୋଟ କପଡ଼ା ଖଣ୍ଡରେ ବାନ୍ଧି ଦିଆଯାଏ ଏବଂ ଏହାକୁ ଚରିତ୍ର ଅନୁସାରେ ସେଥିରେ ଆଖି, ନାକ, ପାଟି ଇତ୍ୟାଦି ରଂଗତୂଳୀ ସାହାଯ୍ୟରେ ତିଆରି କରାଯାଏ ।

**୨. ମୋଜା କଣ୍ଢେଇ :-**

ଏହି କଣ୍ଢେଇ ପ୍ରସ୍ତୁତ ନିମନ୍ତେ ପୁରୁଣା ମୋଜାକୁ ବ୍ୟବହାର କରାଯାଏ । ଏଥିରେ ବିଭିନ୍ନ ପ୍ରକାରର ରୂପ ଦେବା ନିମନ୍ତେ ସୂତାରେ ବୋତାମ, ରିବନ୍, ପମ୍‌ପମ୍, ପକ୍ଷୀର ପର, ମୋଟା ତନ୍ତୁ, କ୍ରାଫ୍ଟ, ତୁଳା, ମାଳି ଇତ୍ୟାଦି ସାହାଯ୍ୟରେ ଆଖି, କାନ, ନାକ, ପାଟି ଇତ୍ୟାଦି ତିଆରି କରାଯାଏ । ଗ୍ଲୋଭ୍‌ସ୍‌ରେ ତିଆରି କଣ୍ଢେଇକୁ ଆଙ୍ଗୁଳି ସାହାଯ୍ୟରେ କଥା ହେଲାପରି ଅଭିନୟ କରାଯାଏ ।

**୩. କାଗଜ ଥଳୀ କଣ୍ଢେଇ:** ଧଳା କିମ୍ବା ମାଟିଆ କାଗଜ ଥଳୀକୁ ନିଅ । ମାର୍କରରେ ବ୍ୟାଗ୍‌ର ତଳ ଭାଗରେ ଏକ ମୁହଁ ତିଆରି କର । ପାଟିଟି ବ୍ୟାଗର ତଳଧାରରେ ଯେଉଁଠି ବ୍ୟାଗ୍‌ଟିକୁ ଭାଙ୍ଗ କରାଯାଏ ସେହିଭାଗରେ ଯେମିତି ରହେ । ତୁମେ ମାର୍କର ସାହାଯ୍ୟରେ ତା'ର ଆଖି, ନାକର ଚିତ୍ରକୁ ଅଂକନ କର । କାନର ଚିତ୍ର ଅଙ୍କନ କରି ପେପର୍ କାଟ ଓ ତାକୁ ଅଠା ସାହାଯ୍ୟରେ ବ୍ୟାଗ୍‌ର ତଳ ଭାଗରେ ଲଗାଇ ଦିଅ । ଥରେ ମୁହଁଟି ହୋଇଗଲା ପରେ ତା'ର ତୁମେ ଦେହର ଅଗ୍ରଭାଗଟିକୁ ତିଆରି କର । ତା'ପରେ ଏହାକୁ ସୋ'ରେ ଦେଖାଇ ପାରିବ ।

୪. ଗ୍ଲୋଭ୍ କଣ୍ଢେଇ- ଗ୍ଲୋଭ୍ କଣ୍ଢେଇ ତିଆରି ନିମନ୍ତେ ୨ ଖଣ୍ଡ କପଡ଼ାକୁ ଏକତ୍ର ସିଲାଇ ଏକ ଖାଲି ସ୍ଥାନ ତିଆରି କରାଯାଏ ଯାହା ଭିତରେ ହାତ ପାପୁଲି ଓ ଆଙ୍ଗୁଳିକୁ ପ୍ରବେଶ କରାଯାଇପାରିବ ଓ କଣ୍ଢେଇ ନାଚ ଦେଖାଯାଇ ପାରିବ ।

ମୁଖା(Mask) : ମୁଖା ସାହାଯ୍ୟରେ ସାଧାରଣତଃ ନିଜକୁ ଅନ୍ୟଠାରୁ ଲୁଚାଇ ରଖିବା ବା ଅନ୍ୟକୁ ଆନନ୍ଦିତ କରିବା ନିମନ୍ତେ ବ୍ୟବହାର କରାଯାଇପାରେ । ମୁଖାକୁ ବିଭିନ୍ନ ଅନୁଷ୍ଠାନିକ କାର୍ଯ୍ୟ ବା ପୂଜା ପର୍ବ ପର୍ବାଣିରେ, କଳ୍ପ କଥନ ପାଇଁ ବ୍ୟବହାର କରାଯାଏ । କାଗଜ ଥାଳି, ପକ୍ଷୀର ପର , କିଛି ଚକ୍‌ଚକିଆ ପଦାର୍ଥ ଯାହା ପୋଷାକରେ ବ୍ୟବହୃତ ହୁଏ - ଏହାକୁ ବ୍ୟବହାର କରି ମୁଖା ତିଆରି କରାଯାଇପାରିବ ।

ଯେପରି କଣ୍ଢେଇ ତିଆରି କରାଯାଏ, ସେହିଭଳି ପିଲାମାନେ ବିଭିନ୍ନ ଜିନିଷ ଓ ସାମଗ୍ରୀକୁ ନେଇ ପରୀକ୍ଷା କରିପାରିବେ ଏବଂ ନିଜର ସୃଜନୀଶୀଳତାକୁ ପ୍ରୟୋଗ କରି ବିଭିନ୍ନ ମୁଖା ତିଆରି କରିପାରିବେ ।

କେତେକ ମୁଖା, ଯାହାକି ପ୍ରାଥମିକ ସ୍ତରର ପିଲାମାନଙ୍କ ପାଇଁ ପ୍ରୟୋଜନ ତାହା ନିମ୍ନ ପ୍ରକାରର ହୋଇପାରେ । ଯଥା -

**(୧) କାଗଜ ମୁଖା-** ଆମେ ଯେକୌଣସି ପ୍ରକାରର କାଗଜକୁ ବ୍ୟବହାର କରି ମୁଖା ପ୍ରସ୍ତୁତ କରପାରିବା । ପିଲାମାନେ ବିଭିନ୍ନ ପ୍ରକାରର ଚିତ୍ରକୁ କାଟି ବିଭିନ୍ନ ଚରିତ୍ର ଅନୁସାରେ ସେଗୁଡିକୁ ଯୋଡ଼ି ବିଭିନ୍ନ ମୁଖା ତିଆରି କରି ପାରିବେ । ବିଭିନ୍ନ ରଂଗର କାଗଜକୁ କାଟି ବିଭିନ୍ନ ଚିତ୍ରର ମୁଖା ତିଆରି କରି ତାକୁ ସାଜ ସଜ୍ଜାରେ ବ୍ୟବହାର କରାଯାଇପାରିବ ।



ମୁଖାତିଆରି ପ୍ରଣାଳୀ :

ସାମଗ୍ରୀ - ପେଷ୍ଟଲ ସିଟ୍, କ୍ୟାଟ୍ରିଜ୍ ସିଟ. ଫେଭିକଲ୍, କଇଁଚି ।

ସୋପାନ -





୧. ୧/୮ ଚଉଡାର ପେଷ୍ଟଲ କାଗଜକୁ ନିଅ

୨. ଏହାକୁ ଅଣ୍ଡାକାରରେ କାଟିଦିଅ ।

୩. ଆଖିକୁ ପତ୍ର ଆକାରରେ କାଟ ଏବଂ ଆଖି ପିତୁଳାକୁ ଲଗାଅ ।

୪. ନାକକୁ କାଟି ଅଠା ଲଗାଇ ଯୋଡ଼ିଦିଅ ।

୫. ନିଜ ପସନ୍ଦ ଅନୁସାରେ ବିଭିନ୍ନ ପ୍ରକାରର ମୁଖଭଙ୍ଗୀ ଯଥା - ହସହସ ମୁହଁ, ଦୁଃଖି ମୁହଁ ଇତ୍ୟାଦି ଦିଅ ।



କାଗଜ ବ୍ୟାଗର ମୁଖା - ତିଆରି ପ୍ରଣାଳୀ ସହଜ ଅଟେ । ବଡ଼ ଲଫାପା କାଗଜ ଥଳୀକୁ ନିଅ ଯେଉଁ ଥିରେ ପିଲାର ମୁଣ୍ଡଟି ପଶିଯିବ । ଆଖି, ନାକ, ପାଟିକୁ ଯଥାସ୍ଥାନରେ କାଟି ଦିଅ ଯେଉଁଥିପାଇଁ କି ପିଲାଟି ଦେଖିବା, ଶୁଣିବା କଥା କରିବା ଓ ଶ୍ୱାସସକ୍ରିୟା କରିପାରିବ ପିଲାମାନଙ୍କୁ ନିଜ ଇଚ୍ଛା ଅନୁସାରେ ସେଥିରେ ରଙ୍ଗ ଦେବାକୁ କୁହାଯାଇପାରିବ ।

### ୨.୩.୫: ମାଟିରେ ମୂର୍ତ୍ତୀ ନିର୍ମାଣ

ମାଟି ହେଉଛି ଏକ ଉତ୍ତମ ମାଧ୍ୟମ ଯାହାକୁ ସହଜରେ ନିଜ ଇଚ୍ଛାନୁଯାୟୀ ବିଭିନ୍ନ ରୂପ ଦିଆଯାଇପାରେ । ଏହାକୁ ବ୍ୟବହାର କରିବାକୁ ଓ ମାଟିରେ ଖେଳିବାକୁ ଛୋଟ ପିଲାମାନେ ବହୁତ ଭଲ ପାଆନ୍ତି । ଆମମାନଙ୍କ ମଧ୍ୟରୁ ବହୁତ ଏହି ମାଟିରେ ବିଭିନ୍ନ ପ୍ରକାରର ଜିନିଷ/ ବସ୍ତୁ ତିଆରି କରିଥିବେ ଏବଂ ପିଲାବେଳେ ଖେଳିଥିବେ । ପିଲାମାନେ ମାଟି ସହିତ ଖେଳିବାକୁ ବହୁତ ଭଲ ପାଆନ୍ତି ଓ ନିଜ ମନ ପସନ୍ଦର ବହୁତ କାର୍ଯ୍ୟ ଓ ବହୁତ ଜିନିଷ ତିଆରି କରିଥାନ୍ତି ।

ପ୍ରଥମେ ପ୍ରଥମେ ପିଲାମାନେ ମାଟିକୁ ବ୍ୟବହାର କରି ବିଭିନ୍ନ ଆକୃତି ଯଥା - ଗୋଲାକାର (ବଲ୍ ଆକାର) ବସ୍ତୁ ତିଆରି କରି ସେଥିରେ ଖେଳିବାକୁ ଭଲପାଆନ୍ତି । ପରବର୍ତ୍ତୀ ପର୍ଯ୍ୟାୟରେ ସେମାନେ ମାଟିରେ ବିଭିନ୍ନ ପକ୍ଷୀ, ପଶୁ, ଫଳ, ପରିବା, ମଣିଷର ମୁହଁ ଇତ୍ୟାଦି ତିଆରି କରନ୍ତି ।

ମାଟିରେ କାମ କଲାବେଳେ କେତେକ ସାବଧାନତା ଗ୍ରହଣ କରିବା ଉଚିତ୍ । ଯଥା -

(୧) ମାଟିରେ ଅଧିକ ପାଣି ଦେଇ ତାକୁ ନରମ କଲେ ତିଆରି କରିଥିବା ବସ୍ତୁଟି ସହଜରେ ଭାଙ୍ଗିଯାଏ । (୨) ତିଆରି କରିଥିବା ବସ୍ତୁଟି ଯେପରି ଭାଙ୍ଗି ନଯାଏ ତା'ପ୍ରତି ଦୃଷ୍ଟି ଦେବା ଆବଶ୍ୟକ ।

(୩) ଯଦି ପ୍ରସ୍ତୁତ କରୁଥିବା ଜିନିଷଟି ପ୍ରଥମ ଦିନରେ ପୂର୍ଣ୍ଣାଙ୍ଗ ନହୁଏ ତେବେ ତାକୁ ନଶୁଖାଇ / ଖୋଲାରେ ନରଖି ତାକୁ ଓଦା କପଡାରେ ଘୋଡ଼ାଇ ରଖିବା ଉଚିତ୍ । ଯାହାଦ୍ୱାରାକି ପରବର୍ତ୍ତୀ ଦିନରେ ତାକୁ ନେଇ କାର୍ଯ୍ୟ କରିହେବ ।

(୪) ପିଲାମାନେ ମାଟିରେ କାର୍ଯ୍ୟ କରିବା ପରେ ପରିଷ୍କାର ପରିଚ୍ଛନ୍ନତା ତଥା ସୁସ୍ଥତା ପ୍ରତି ଧ୍ୟାନ ଦେବା ଆବଶ୍ୟକ । ତେଣୁ ସେମାନେ ଆପ୍ରନକୁ ବାନ୍ଧିବା ଉଚିତ୍ ଏବଂ ଯେପରି କାଦୁଅ ହାତ ଚଟାଣ କିମ୍ୱା କାନ୍ଥରେ ନଲାଗେ ସେଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ ।

(୫) ମାଟିରେ କାର୍ଯ୍ୟ କରି ସାରିବା ପରେ ହାତକୁ ଭଲଭାବେ ପରିଷ୍କାର କରିବା ଉଚିତ୍ ।

(୬) ମାଟିରେ ପ୍ରସ୍ତୁତ ଜିନିଷ ଗୁଡ଼ିକୁ କାନ୍ଥରେ ସଜାଇ ଓ ସୁରକ୍ଷିତ କରି ତଥା ସଂରକ୍ଷିତ କରି ରଖିବା ଆବଶ୍ୟକ ।

**ମାଟିକୁ ସଂରକ୍ଷିତ କରିରଖିବା ନିମନ୍ତେ କେତେକ ସୂଚନା :**

ମାଟିର ଉପଯୁକ୍ତ ନମନୀୟତାକୁ ଧରି ରଖିବା ପାଇଁ ତାକୁ ପ୍ଲାଷ୍ଟିକ୍ ଥଳୀରେ ବନ୍ଦକରି ରଖିବା ଆବଶ୍ୟକ ନହେଲେ ଏହା ଶୁଖିଯିବ । ପ୍ରତ୍ୟେକ ଅଧିବେଶନ ଶେଷରେ ପିଲାମାନେ ନିଜ ନିଜର ଆବଶ୍ୟକତା ମୁତାବକ ମାଟିକୁ ନେଇ ନିଜ ଇଚ୍ଛାନୁସାରେ ବିଭିନ୍ନ ବସ୍ତୁ ତିଆରି କରିବେ ଓ ସଂରକ୍ଷିତ କରି ରଖିବେ ଓ ବଳକା ମାଟିକୁ ଓଦା କନାରେ ଘୋଡ଼ାଇ ବା ବାଲ୍‌ଟିରେ ଘୋଡ଼ାଇ ରଖିବା ଉଚିତ୍, ଯାହା ଦ୍ୱାରା ଏହା ଶୁଖି ଯିବ ନାହିଁ ।

ଟିପ୍ପଣୀ

## ୨.୩.୬: ପେପର କଟିଂ ଓ ଫୋଲଡ଼ିଂ

ପେପର କଟିଂ ହେଉଛି ଏକ କଳା । ଯାହାକି ପ୍ରାଚୀନ କାଳରୁ ଅଦ୍ୟାବଧି ପ୍ରଚଳିତ ଅଛି । ସାରା ପୃଥିବୀରେ ବିଭିନ୍ନ ସଂସ୍କୃତି ଏହି ପେପର୍ କଟିଂଗୁଡ଼ିକୁ ବିଭିନ୍ନ କଳାତ୍ମକ ଶୈଳୀରେ ଗ୍ରହଣ କରିଛନ୍ତି । ସାଂଝି ଭାରତୀୟ କାଗଜ କାଟିବା କଳା ଅଟେ ।

ବର୍ତ୍ତମାନ ଘରର କାନ୍ଥକୁ ସଜାଇବା, ଝରକା, କବାଟ, ଆଇନା / ଦର୍ପଣ ଲ୍ୟାମ୍ପ, ଲଣ୍ଠନ, ବିଭିନ୍ନ ସ୍ତମ୍ଭ ଇତ୍ୟାଦିକୁ ସଜାଇବା ତଥା ବିଭିନ୍ନ ପର୍ବ ପର୍ବାଣିରେ ସାଜସଜ୍ଜା ନିମିତ୍ତ ଏହାକୁ ବ୍ୟବହାର କରାଯାଏ । ଉ.ସ୍ୱ – ଦୀପାବଳୀ ଏବଂ ନୂଆବର୍ଷ ପର୍ବ ପର୍ବାଣିରେ ଘରର ପ୍ରବେଶଦ୍ୱାରକୁ ଏହି ପେପର୍ କଟିଂ ଦ୍ୱାରା ସଜ୍ଜିତ କରାଯାଏ ଯାହାକି ଘରର ମଙ୍ଗଳ ହୋଇଥାଏ ବୋଲି ମନେ କରାଯାଏ । ପେପର୍ କଟିଂ କରିବା ନିମିତ୍ତ ୨ଟି ପଦ୍ଧତି ରହିଛି । ଯଥା – କଇଁଚି ଓ ଛୁରୀ ଦ୍ୱାରା । କେତେଗୁଡ଼ିଏ କାଗଜ ଖଣ୍ଡକୁ ଏକତ୍ରୀତ କରି ସେଗୁଡ଼ିକୁ ଧାରୁଆ ଛୁରୀ ବା କଇଁଚିରେ କଟାଯାଏ । ଛୁରୀ ଦ୍ୱାରା କଇଁଚି ଅପେକ୍ଷା ଅଧିକ କାଗଜ କଟାଯାଇପାରେ ।

ଘଟଣା ଅଧ୍ୟୟନ (case study) : ପିଲାମାନେ ବର୍ଗାଗାର କାଗଜ ଖଣ୍ଡକୁ ନେଇ ଭାଙ୍ଗକରି ତାହାକୁ ଯେକୌଣସି ଜ୍ୟାମିତିକ କୌଶଳରେ ଲମ୍ବାକାର ବା ଭୂସାମନ୍ତର ଭାବେ କରିପାରିବେ ।

**ପେପର କଟିଂ –**

ମୋଜାଇକ୍

ସୋପାନ ସମୂହ

୧. ପତଳା କାଗଜକୁ କାଟ ଏବଂ ତାକୁ ଲମ୍ବାକାରରେ କାଟି ଛୋଟଛୋଟ ୧ ସେ.ମି. ବର୍ଗାକାର ଖଣ୍ଡ ବାହାର କର ।

୨. କାଗଜ ଉପରେ ଯେକୌଣସି ଆକୃତିର ଚିତ୍ର ଅଙ୍କନ କର ।

୩. ଏହି ବର୍ଗାକାର କାଗଜ ଖଣ୍ଡକୁ ରଂଗରେ ଚିତ୍ରିତ କର ।

୪. ତା'ପରେ ସ୍କେଚ୍ ପେନ୍‌ରେ ଏକ ଫୁଲଡାଳ ପରି ଚିତ୍ର କର ।

୫. ଏବଂ କାଗଜକୁ ଖୋଲିଦିଅ, ସଂପୂର୍ଣ୍ଣ ଛବିଟି ମୋବାଇକ୍ ପରି ଦେଖାଯିବ ।

(ମୁଖା ତିଆରି ପଦ୍ଧତିରେ ୨.୫. ରେ ଦିଆଯାଇଛି)

ପେପର ଫୋଲଡିଂ / କାଗଜ ଭାଙ୍ଗି କରିବା

ପେପର୍ ଫୋଲିଡିଂ ଶବ୍ଦଟି ଜାପନିଜ୍ କୌଶଳ "ଓରିଗାମି" 'ଓରି' ର ଅର୍ଥ ଭାଙ୍ଗ କରିବା ଏବଂ 'ଗାମି' ର ଅର୍ଥ କାଗଜ) ଅର୍ଥାତ୍ କାଗଜ ଭାଙ୍ଗ କୌଶଳକୁ ବୁଝାଏ । ଏହି ପ୍ରକାରର କୌଶଳ ବିଭିନ୍ନ ପ୍ରକାରର ନିର୍ଦ୍ଧିଷ୍ଟ ଆକୃତିକୁ ସୂଚାଇଥାଏ । ଏହି କଳାର ମୁଖ୍ୟ ଲକ୍ଷ୍ୟ ହେଉଛି ଏକ ସମତଳ କାଗଜ ଫର୍ଦ୍ଦକୁ ବିଭିନ୍ନ କୌଶଳରେ ଭାଙ୍ଗି ବିଭିନ୍ନ ଆକୃତିରେ ରୂପାନ୍ତରଣ କରିବା ଓ ନୂତନ ନକ୍ସା ବା ସୌନ୍ଦର୍ଯ୍ୟ ବର୍ଦ୍ଧକ ଚିତ୍ରରେ ପ୍ରକାଶ କରିବା । କାଗଜ ନକ୍ସା ଅତି ହାଲୁକା ଓ ସହଜରେ ପରିଚାଳନା କରିହୁଏ ।

ପୁରୁଣା ଖବରକାଗଜକୁ ଏହିପରି ରୂପରେ ପରିଣତ କରାଯାଇପାରେ ।

**ନିଜ ଅଗ୍ରଗତି ଆକଳନ – ୬**

୧. ପେପର ଓ କାନ୍‌ଭାସ୍ ରେ ଚିତ୍ର ଅଙ୍କନ କରାଯାଇପାରେ । (ହଁ / ନା)

୨. ଚିତ୍ରାଙ୍କନ ହେଉଛି କାଗଜ ଉପରେ -------------ର ଏକ ପଦ୍ଧତି ।

୩. କାନ୍‌ଭାସରେ ଚିତ୍ର ରଂଗ ---------------------ସାହାଯ୍ୟରେ କରାଯାଇପାରେ ।





୪. ବ୍ଲକ୍ ପ୍ରିଣ୍ଟ ପରିବା ଦ୍ୱାରା କରାଯାଇପାରେ (T/F )

୫. ଛୋଟ ଛୋଟ ପିଲାମାନଙ୍କ ପାଇଁ ---- ମୁଦ୍ରଣ କୌଶଳ ଆବଶ୍ୟକ ।

୬. ସ୍ତମ୍ଭ ମିଳନ କର ---------

| | |
|---|---|
| ୧. କୋଲାଜ | ଏକ ଜାପାନୀ କଳା |
| ୨. ମାସ୍କ | ମଣ୍ଡାନା |
| ୩. କଣ୍ଢେଇ | ସ୍ଲାବ୍ ଓ କଏଲ୍ ପଦ୍ଧତି |
| ୪. ପେପର ଫୋଲଡିଂ | ବିଭିନ୍ନ ସାମଗ୍ରୀର ସମନ୍ୱୟ |
| ୫. ରଙ୍ଗୋଲି (ରାଜସ୍ଥାନ) | ଆଙ୍ଗୁଳି, ମୋଜା, ବାଡ଼ି |
| ୬. କାଦୁଅ | କାଗଜ ଥଳୀ / ଖୋଳ |

## ୨.୪. ଖୋଳ ତିଆରି କରିବା (ବ୍ୟାବହାରିକ କାର୍ଯ୍ୟ)

### ୨.୪.୧. ଖୋଳର ଅର୍ଥ ଓ ମହତ୍ତ୍ୱ

ଏକ ଉପସ୍ଥାପନ ଖୋଳ କେତେକ ଖୋଲା କାଗଜ ବା ବିଭିନ୍ନ ରେକର୍ଡ଼, ନଥିପତ୍ର ଏବଂ ଦଲିଲ୍ / ଦସ୍ତାବିଜ ଏକତ୍ର କରି ରଖିଥାଏ । ଏହି ଖୋଳର ଉପରି ଭାଗ ମୋଟା କାଗଜରେ ତିଆରି ହୋଇଥାଏ ।

### ୨.୪.୨. ଫୋଲଡ଼ର କିପରି ତିଆରି କରିବା

ଫୋଲଡର ହାତ ତିଆରି କାଗଜରେ, କାର୍ଡ଼ବୋର୍ଡ଼ ଇତ୍ୟାଦିରେ ପ୍ରସ୍ତୁତ କରାଯାଏ । ପ୍ଲାଷ୍ଟିକ୍ ଫୋଲଡ଼ର ବଜାରରେ ଉପଲବ୍ଧ ହୁଏ । ଆମର ଆବଶ୍ୟକତା ଅନୁସାରେ ଏହାକୁ ନାମିତ କରି ରଖିବା ଗୁରୁତ୍ୱପୂର୍ଣ୍ଣ ଅଟେ ।

### ୨.୪.୩. ଫୋଲଡ଼ରର ବ୍ୟବହାର

ଫୋଲଡରଗୁଡ଼ିକୁ ପିଲାମାନଙ୍କର ଖେଳନା, କ୍ରାଫ୍ଟ ସାମଗ୍ରୀ, ଫଟୋଗ୍ରାଫ୍, ବିଭିନ୍ନ ପ୍ରକାରର କଳାକୃତିକୁ ସଂରକ୍ଷିତ କରି ରଖିବା ନିମିତ୍ତ ବ୍ୟବହାର କରାଯାଏ । ଏହା ପିଲାମାନଙ୍କୁ ବିବିଧ ଅଭିଜ୍ଞତାଗୁଡିକୁ ପୁନଃ ସ୍ମରଣ କରିବାରେ ସାହାଯ୍ୟ କରିବା ନିମିତ୍ତ ନଥିପତ୍ର ଅଟେ ଏବଂ ଶିକ୍ଷକମାନଙ୍କ ପାଇଁ ନିରନ୍ତର ଓ ବ୍ୟାପକ ମୂଲ୍ୟାୟନରେ ମଧ ସାହାଯ୍ୟ କରେ ।

## ୨.୫: ସାରାଂଶ

ପ୍ରାରମ୍ଭିକ ସ୍ତରରେ 'ଦୃଶ୍ୟକଳା' ଶିକ୍ଷାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଗ ଅଟେ । ଏହା ପିଲାମାନଙ୍କ ଶିକ୍ଷଣରେ ସାହାଯ୍ୟ କରେ ଏବଂ ବିଦ୍ୟାଳୟ ପାଠ୍ୟକ୍ରମର ଏକ ଅବିଚ୍ଛେଦ୍ୟ ଅଙ୍ଗ । ଏହି କଳାକୃତି ଦ୍ୱାରା ପିଲାଟି ନିଜର ଆବେଗ, ଧାରଣା ଓ ଚିନ୍ତନର ଅଭିବ୍ୟକ୍ତି ନିମିତ୍ତ ସୁଯୋଗ ପାଏ । ଏହା ଦ୍ୱାରା ପିଲାଟିର ବହୁବିଧ ପ୍ରତିଭା, ମେଧାର ବିକାଶ ହୁଏ ଏବଂ ଶିଶୁ ଶିକ୍ଷଣରେ ଆନନ୍ଦ ଲାଭ କରିଥାଏ ।

ଏହି ଏକକରେ ବିଭିନ୍ନ ମାଧ୍ୟମ ଓ ସାମଗ୍ରୀ ଯଥା - ପେନ୍‌ସିଲ୍, ପେଷ୍ଟଲ, ଚକ୍, କାଳି, ପୋଷ୍ଟର ରଂଗ, ମାଟି, କାଗଜ ଇତ୍ୟାଦିକୁ ଉପଯୋଗ କରି ବିଭିନ୍ନ କଳାକୃତି ନିର୍ମାଣ କରିବାର କୌଶଳ ବିସ୍ତୃତ ଭାବେ ବର୍ଣ୍ଣିତ । ଉଦ୍ଭାବନ ଏବଂ ପରୀକ୍ଷଣ ପଦ୍ଧତି ମାଧ୍ୟମରେ ଦୃଶ୍ୟକଳା ଓ କ୍ରାଫ୍ଟ ଯଥା - ପେଣ୍ଟିଂ, କୋଲାଜ, ମାସ୍କ, କ୍ଲେ ନିର୍ମାଣ, ପେପର୍ କଟିଂ ଏବଂ ଫୋଲଡିଂ ଇତ୍ୟାଦି ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଏହି ଏକକରେ ବର୍ଣ୍ଣନା କରାଯାଇଛି । ସର୍ବଶେଷରେ ସମସ୍ତ କାର୍ଯ୍ୟକୁ ପ୍ରଦର୍ଶିତ ନିମନ୍ତେ ଫୋଲଡ଼ରର ପ୍ରସ୍ତୁତି ଗୁରୁତ୍ୱପୂର୍ଣ୍ଣ ଅଟେ । ଏହା ଶିକ୍ଷକ ଓ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷଣ ନିମିତ୍ତ ସହାୟତା ପ୍ରଦାନ କରିଥାଏ ।

ଏହି ଏକକରେ ସୁନିଶ୍ଚିତ କରାଯାଇଛି ଯେ ଯଦି ଜଣେ ପିଲାକୁ ସୃଜନାତ୍ମକ ପରିବେଶ ମିଳେ ଯେଉଁଠି ସେ ଶିକ୍ଷଣ

ଟିପ୍ପଣୀ

ନିମିତ୍ତ ଅନୁସନ୍ଧାନ ଓ ପରୀକ୍ଷଣ କରିପାରିବ ତାହା ତା'ର ସର୍ବାଙ୍ଗୀନ ବିକାଶ ପାଇଁ ସୁଯୋଗ ପ୍ରଦାନ କରିବ । ପିଲାଟି ସ୍ୱାଧୀନ ଭାବରେ ଚିନ୍ତା କରିବା, ନିକଟତମ ପରିବେଶ ଓ ଚତୁଃପାର୍ଶ୍ୱର ପୃଥିବୀ ବିଷୟରେ ସଚେତନ ହେବା, ସମ୍ଭାବନାର ଅନୁସନ୍ଧାନ ଓ ପରୀକ୍ଷଣ କରି ଶିଖିବା ଦକ୍ଷତାର ଉଦ୍ଭାବନ ଏବଂ ପରୀକ୍ଷଣର କୌଶଳକୁ ହାସଲ କରିବ । ପ୍ରତ୍ୟେକ ବୟସ୍କ ଓ ଶିକ୍ଷକମାନଙ୍କୁ ଏହା ଅନୁଭବ କରିବା ଉଚିତ୍ ଯେ ଯିଏ ପିଲାର ଜୀବନକୁ ସ୍ପର୍ଶକରେ ସେ ପୀଢିର ଅତ୍ୟଧିକ ସମ୍ବେଦନଶୀଳ ବିନ୍ଦୁକୁ ସ୍ପର୍ଶକରେ ଏବଂ ମଧ୍ୟ ସମସ୍ତ ବାସ୍ତବ ଜ୍ଞାନ ପ୍ରତ୍ୟେକ ଅଭିଜ୍ଞତାରୁ ସୃଷ୍ଟ" ।

## ୨.୬. ନିଜ ଅଗ୍ରଗତି ଆକଳନ ପାଇଁ ଆଦର୍ଶ ଉତ୍ତର

ନିଜ ଅଗ୍ରଗତି ଆକଳନ- ୧

୧. ସତ୍ୟ

୨. ସ୍ଥାପତ୍ୟ, ଛାୟାଚିତ୍ର, ସ୍ଥପତି ବିଦ୍ୟା

୩. ସୌନ୍ଦର୍ଯ୍ୟ ବୋଧ

୪. ଉପାଦାନ

୫. ଲାଲ୍, ବ୍ଲୁ, ହଳଦିଆ

୬. ନା

ନିଜ ଅଗ୍ରଗତି ଆକଳନ- ୨

୧. 2B, 4B, 6B

୨. HB

୩. ଟୋନ୍ସ

ନିଜ ଅଗ୍ରଗତି ଆକଳନ- ୩

୧. ନରମ, କଠିନ

୨. ପିଲାମାନେ

୩. ଗ୍ଲାସ, ପ୍ଲାଷ୍ଟିକ ଓ ମାଟିକାମ

୪. ଲିଓ ନାର୍ଡୋ ଭିନ୍ସି

୫. ନା

୬. ରଙ୍ଗରେ କାନ୍‌ଭାସ ଉପରେ ଚିତ୍ର କରିବା ପଦ୍ଧତି ।

ନିଜ ଅଗ୍ରଗତି ଆକଳନ- ୪

୧. ପାଣି

୨. ଗାର

୩. ଫୁଲ, ବାଲି, ଦୀପ

୪. ହଁ

୫. ପ୍ରେସ୍ ଏବଂ ପିନ୍, କଏଲ

ନିଜ ଅଗ୍ରଗତି ଆକଳନ- ୫

୧.ପରିବେଶ

୨. ନା

୩. (i) ବାଦାମି

(ii) କଳା

(iii) ହଳଦିଆ (ହଳଦୀ)

(iv) ସବୁଜ

(v) ବ୍ଲୁ

ନିଜ ଅଗ୍ରଗତି ଆକଳନ- ୬

୧. ହଁ

୨. ଚିହ୍ନ

୩. ତେଲ

୪. ଠିକ୍

୫. ଆଙ୍ଗୁଳି ଚିହ୍ନ

୬. ନିମ୍ନଗୁଡିକୁ ଯୋଡ

| | |
|---|---|
| ୧. ପେପର ଫୋଲଡିଂ | ଏକ ଜାପାନିଜ୍ କଳା |
| ୨. ରଙ୍ଗୋଲି | ମାଣ୍ଡନା |
| ୩. କାଦୁଅ | ଫଳକ ଓ କୁଣ୍ଡଳୀ ପଦ୍ଧତି |
| ୪. କୋଲାଜ | ବିଭିନ୍ନ ସାମଗ୍ରୀର ସମାହାର |
| ୫. କଣ୍ଢେଇ | ଆଙ୍ଗୁଳି, ମୋଜା, ବାଡି |
| ୬. ମୁଖା | କାଗଜଥଳୀ |

## ୨.୭ ଅତିରିକ୍ତ ଅଧ୍ୟୟନ ପାଇଁ ପୁସ୍ତକ ସୂଚୀ

- www.faber-castell.ie/34872/creative-ideas/creative-techniques/crayontechniques/default_news.aspx
- www.faber-castell.ie/34870/creative-ideas/creativetechniques/colourpenciltechniques/default_news.aspx
- www.faber-castell.ie/34873/creative-ideas/creative-techniques/pasteltechniques/default_news.aspx
- www.faber-castell.ie/34874/creative-ideas/creative-techniques/posterpainttechniques/default_news.aspx
- www.faber-castell.ie/34871/creative-ideas/creative-techniques/watercolourtechniques/default_news.aspx

## ୨.୮- ପାଠାନ୍ତ ପ୍ରଶ୍ନାବଳୀ

(୧) ଦୃଶ୍ୟ କଳା କ'ଣ ?

(କ) କଳାର ଉପାଦାନ

(ଖ) କଳାର ମୌଳିକତା

(୨) ଦୃଶ୍ୟକଳାର ଉଦ୍ଦେଶ୍ୟ କ'ଣ?

(୩) ପ୍ରାଥମିକ ଶିକ୍ଷକଙ୍କ ପାଇଁ ଦୃଶ୍ୟ କଳାର ଗୁରୁତ୍ୱ କ'ଣ?

(୪) ସାମଗ୍ରୀର ଅର୍ଥ କହିଲେ କ'ଣ ବୁଝ?

(କ) ପ୍ରାକୃତିକ

(ଖ) ସ୍ୱଳ୍ପମୂଲ୍ୟ

(ଗ) ଅବ୍ୟବହୃତ ସାମଗ୍ରୀ

(୫) ଶିକ୍ଷାରେ କଣ୍ଟେଇର ଗୁରୁତ୍ୱ ବା ଆବଶ୍ୟକତା କ'ଣ ବୁଝାଇ ଲେଖ? ବ୍ୟବହାର କରାଯାଇ ପାରିବା ଭଳି କଣ୍ଟେଇର ପ୍ରକାରଗୁଡ଼ିକୁ ଲେଖ ।

(୬) ବ୍ଲକ ପ୍ରିଣ୍ଟିଂ କୌଶଳ କହିଲେ କ'ଣ ବୁଝ ? ଛୋଟଛୋଟ ପିଲାମାନଙ୍କର ଚିତ୍ର ରଙ୍ଗ ପାଇଁ କେଉଁଟି ଅଧିକ ସହଜ ପଦ୍ଧତି ବୁଝାଇଲେଖ?

(୭) ପେନ୍ସିଲ୍ କ'ଣ? ବଜାରରେ କେତେ ପ୍ରକାରର ପେନ୍ସିଲ୍ ମିଳିଥାଏ ।

(୮) ପେଷ୍ଟଲ କ'ଣ? ଏହାର ବିଭିନ୍ନ ନାମ ଓ ପ୍ରକାର ଭେଦ ବର୍ଣ୍ଣନା କର ?

(୯) ରଙ୍ଗୋଲି କ'ଣ? ରଙ୍ଗୋଲି ପ୍ରସ୍ତୁତ ପାଇଁ କେଉଁକେଉଁ ପ୍ରକାରର ସାମଗ୍ରୀ ବ୍ୟବହାର କରିବ ଲେଖ ।

(୧୦) 'କୋଲାଜ ହେଉଛି ବିଭିନ୍ନ ପ୍ରକାରର ସାମଗ୍ରୀର ସମାହାର' – ବିଶ୍ଳେଷଣ କର ।

(୧୧) ମିଶ୍ରିତ ମାଧ୍ୟମ ହେଉଛି ଉଦ୍ଭାବନ ଏବଂ ପରୀକ୍ଷଣର ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ । ଏହା ସତ୍ୟକି? ଯଦି ହଁ, କିପରି ବୁଝାଅ ।

(୧୨) ମାଟି କାର୍ଯ୍ୟ ପିଲାମାନଙ୍କର କିପରି ସ୍ଥୁଳ ମାଂସପେଶୀୟ ବିକାଶ କରିଥାଏ ?(ମାଟି କାର୍ଯ୍ୟର ଗୁରୁତ୍ୱ ଲେଖ)

(୧୩) କାଗଜକୁ ଭାଙ୍ଗି ବିଭିନ୍ନ ଆକାର ପ୍ରସ୍ତୁତ କରିହେବ କି? ଯଦି ହଁ, ଏହି କଳାକୁ କ'ଣ କୁହାଯାଏ ଏବଂ ଯେକୌଣସି ଗୋଟିଏ ପଦ୍ଧତିକୁ ବିଶ୍ଳେଷଣ କର । ଏକ ମଡେଲ ପ୍ରସ୍ତୁତି କର । (ଉଦାହରଣ – ଟୋପି କିମ୍ବା ପକ୍ଷୀ)

(୧୪) ପେଣ୍ଟିଂ(ରଙ୍ଗ/ ଚିତ୍ର କାମ)ରେ ରଙ୍ଗର ଗୁରୁତ୍ୱ କ'ଣ? (ପେଂଣ୍ଟିରେ ବ୍ୟବହୃତ ରଙ୍ଗର ପ୍ରକାରକୁ ସୂଚିତ କର)